

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୩ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 SEPTEMBER 2022
Vol.No. 35 ■ No. 248 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ମୁଁ ମୋ ପୁରୁଣା କଥାରେ ଅଛି କାଏମ : ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ ,୨୨/୦୯ : କଂଗ୍ରେସ ଅଧ୍ୟକ୍ଷ ପଦ ନିର୍ବାଚନ ଲଢ଼ିବାକୁ ପୁଣିଥରେ ମନା କଲେ ରାହୁଲ ଗାନ୍ଧୀ । ଗୁରୁବାର କେରଳରେ ସାମ୍ବାଦିକଙ୍କ ସହିତ କଥାବା ର୍ ା ହେବା ସମୟରେ ରାହୁଲ ଗାନ୍ଧୀ ଏହା ସ୍ପଷ୍ଟ କରିଛନ୍ତି ଯେ, ସେ କଂଗ୍ରେସର ଆଗାମୀ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ । ତେବେ ୨୦୧୯ ନିର୍ବାଚନର ପରାଜୟ କାରଣରୁ ସେ ପାର୍ଟି ଅଧ୍ୟକ୍ଷ ପଦ ଛାଡ଼ି ଦେଇଥିଲେ । ଏହାପରେ କୌଣସି ଅଣଗାନ୍ଧୀ ଲୋକ କଂଗ୍ରେସ ଅଧ୍ୟକ୍ଷ ପଦ ସମ୍ଭାଳନ୍ତୁ ବୋଲି ସେ କହି ଆସୁଛନ୍ତି । ହେଲେ ରାହୁଲଙ୍କୁ ପୁଣିଥରେ କଂଗ୍ରେସ ଅଧ୍ୟକ୍ଷ ପଦ ସମ୍ଭାଳିବାକୁ ଅନୁରୋଧ କରିଆସୁଛନ୍ତି କଂଗ୍ରେସ କର୍ମୀ ଓ ନେତା । ଗତ ୩ ବର୍ଷ ହେଲା କଂଗ୍ରେସର ତମାମ୍ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କୁ ମନେଇବାରେ ଲାଗିଛନ୍ତି । ହେଲେ ତମାମ ଚେଷ୍ଟା ସ ୍ୱେ ମଧ ରାହୁଲ ଗାନ୍ଧୀ ତାଙ୍କ କଥାରୁ ଓହରି ନାହାଁନ୍ତି । ତେବେ କଂଗ୍ରେସ ଅଧ୍ୟକ୍ଷ ପଦ ନିର୍ବାଚନ ନେଇ ଘୋଷଣା ପରେ ଏବେ ଅନେକ ରାଜ୍ୟରୁ କଂଗ୍ରେସ ନେତାମାନେ ପୁଣିଥରେ ରାହୁଲଙ୍କୁ ଅଧ୍ୟକ୍ଷ କରିବାକୁ ପ୍ରସ୍ତାବ ମଧ ପାରିତ କରିଛନ୍ତି । ଗୁରୁବାର ରାହୁଲ ଗାନ୍ଧୀ ଅଧ୍ୟକ୍ଷ ପଦକୁ ନେଇ ହେଇଥିବା ପ୍ରଶ୍ନର ଉ ର ଦେଇଥିଲେ । ଆଉ କହିଥିଲେ, ମୁଁ ମୋ ପୁରୁଣା କଥାରେ କାଏମ୍ ଅଛି । ମୁଁ ଅନେକ ଥର ଏହି କଥାକୁ ଦୋହରେଇ ସାରିଲିଣି । କଂଗ୍ରେସ ଅଧ୍ୟକ୍ଷ ପଦ ଏକ ଐତିହାସିକ ପଦ । ତା ସହିତ ଏହା ଏକ ବୈଚାରିକ ପଦ ମଧ । ତେଣୁ ଯେ କୌଣସି ବ୍ୟକ୍ତି କଂଗ୍ରେସ ଅଧ୍ୟକ୍ଷ ହେବେ, ସେ କଂଗ୍ରେସର ବିଶ୍ୱାସ ଓ ବିଚାରଧାରାର ପ୍ରତିନିଧିତ୍ୱ କରିବେ । ଅନ୍ୟପଟେ ଜଣେ ବ୍ୟକ୍ତି ଗୋଟିଏ ପଦକୁ ନେଇ ରାହୁଲ ଗାନ୍ଧୀଙ୍କୁ ଆଜି ସାମ୍ବାଦିକ ମାନେ ପ୍ରଶ୍ନ କରିଥିଲେ । ଏହାର ଉ ର ଦେଇ ରାହୁଲ କହିଥିଲେ ଯେ, ଉଦୟପୁରରେ ଯାହା ନିଷ୍ପ ି ହେଇଛି, ତାକୁ ସମସ୍ତେ ପାଳନ କରିବେ । କଂଗ୍ରେସରେ ହିଁ ଅଧ୍ୟକ୍ଷ ପଦ ନିର୍ବାଚନ ହୁଏ, ଯାହାକି ଅନ୍ୟ କୌଣସି ପାର୍ଟିରେ ହୁଏନି ବୋଲି ରାହୁଲ ଗାନ୍ଧୀ କହିଛନ୍ତି । ସୂଚନାଯୋଗ୍ୟ ଯେ, କଂଗ୍ରେସ ଅଧ୍ୟକ୍ଷ ପଦ ନିର୍ବାଚନ ପାଇଁ ଆଜି ଅଧିସୂଚନା ଜାରି କରାଯାଇଛି । ଆସନ୍ତା ୨୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିବ । ଏହାପରେ ନାମାଙ୍କନ ପତ୍ରର ଯା କରାଯିବା ସହିତ ନାମାଙ୍କନ ଫେରସ୍ତ ଓ ଅକ୍ଟୋବର ୧୭ ତାରିଖରେ ନିର୍ବାଚନ ହେବ । ଏହାର ଫଳାଫଳ ଆସନ୍ତା ଅକ୍ଟୋବର ୧୯ ତାରିଖରେ ଘୋଷଣା କରାଯିବ ।ତେବେ କିଏ କିଏ କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବେ ତାକୁ ନେଇ ମଧ ସସପେନ୍ସ ଜାରି ରହିଛି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହିତ ପାର୍ଟିର ବରିଷ୍ଠ ନେତା ଶଶୀ ଥରୁର, ସାଂସଦ ମନୀଷ ତିୱାରୀ ଏହି ରେସରେ ଅଛନ୍ତି ।

## ବହୁ ମାଓ ସମର୍ଥକଙ୍କ ଆତ୍ମସମର୍ପଣ ବିପୁଳ ପରିମାଣର ବିସ୍ଫୋରକ ଜବତ

ଭୁବନେଶ୍ୱର,୨୨/୦୯ (ନି.ପ୍ର): କୋରାପୁଟ ପୁଲିସ, ଏସଓଜି ଓ ଡିଭିଏଫକୁ ବଡ଼ ସଫଳତା ମିଳିଛି । କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଥାନା ଓ ମାଲକାନଗିରି ଜିଲ୍ଲାର ମୁଦୁଲିପଡା ଥାନା ଅନ୍ତର୍ଗତ ହଁନୁମାଲ, ସିଂଧୁପୁଟ, ଅଂଡେଇ ପଦର, ଅନ୍ଦ୍ରହଲ, ଉଡୁଲିପଦର ଆଦି ଅଂଚଳର ବହୁ ମାଓ ସମର୍ଥକ ଡିଆଇଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦିଆଯାଇଛି । କୋରାପୁଟ ପୋଲିସ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ କୋରାପୁଟ ପୁଲିସ, ଏସଓଜି ଓ ଡିଭିଏଫ ପକ୍ଷରୁ ଗତ ୨୦ ତାରିଖରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଏକ ନକ୍ସଲ ଅପରସେନ କରାଯାଇଥିଲା । ଏହି ସମୟରେ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ଏଥିରେ ୭୦ ହଜାର ଟଙ୍କା, ୧୭ ମିଟର ତାର, ୩୧ଟି ଜିଲଟିଂ ଷ୍ଟିକ, ୧୧ଟି ଡେଟୋନେଟର, ଏକ ତାର ବଣ୍ଡଲ, ୨ଟି ଟିଫିନ୍ ବୋମା, ଗୋଟିଏ ପ୍ରେସର କୁକର ବୋମା, ଗୋଟିଏ ଟେଷ୍ଟିଙ୍ଗ ପିନ ରହିଛି ।

## କ୍ୟାବିନେଟ ବୈଠକରେ ୩୩ ପ୍ରସ୍ତାବକୁ ମୋହର

### କେନ୍ଦୁଝରରେ ୧୪ ଓ ଯାଜପୁରରେ ୯ଟି ଉଠା ଜଳସେଚନ ପ୍ରକଳ୍ପକୁ ମଂଜୁରୀ



ଭୁବନେଶ୍ୱର,୨୨/୦୯ (ନି.ପ୍ର): ଜଳସେଚନ ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଆନନ୍ଦପୁର ଲେଫ୍ଟ ମେନ୍ କେନାଲ, ବିଦ୍ୟାଧରପୁର ବ୍ୟାରେଜରୁ ପାଣି ନେଇ ୧୪ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ରାଜ୍ୟ କ୍ୟାବିନେଟ୍ରେ ଏହାକୁ ମଂଜୁରି ମିଳିଛି । ଏହି ଉଠା ଜଳସେଚନ ଜରିଆରେ କେନ୍ଦୁଝର ଜିଲ୍ଲାର ୧୭ ହଜାର ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇପାରିବ । ଏଥିପାଇଁ ୫୧୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି । ସେହିପରି ରାଜ୍ୟ ସରକାର ପାର୍ବତୀ ଗିରି ବୃହତ ଉଠା ଜଳସେଚନ ଯୋଜନାକୁ ଅନୁମୋଦନ କରିଛନ୍ତି । ୧୦ ହଜାର ୭୫୯ କୋଟି ଟଙ୍କାର ବ୍ୟୟବରାଦରେ ହୋଇଥିବା ବେଳେ ଏହି ଯୋଜନାରେ ୨ ଲକ୍ଷ ୬୩ ହଜାର ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇପାରିବ ବୋଲି କୁହାଯାଇଛି । ସେହିପରି ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ୯ଟି ଉଠା ଜଳସେଚନ ଯୋଜନାକୁ ମଂଜୁରି ମିଳିଛି । ଖରସୁଆଁ, କାଣି, ବୈତରଣୀ ନଈରୁ ଜଳ ଉତୋଳନ କରି ୧୨ ହଜାର ୯୧୪ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯିବ । ବନ୍ୟା ନିୟନ୍ତ୍ରଣ ପାଇଁ ଯାଜପୁର ଜିଲ୍ଲା ବୈତରଣୀରେ ହେବ ଦୁଇଟି ବ୍ୟାରେଜ୍ । ଏହାକୁ ମଂଜୁରି ଦେଇଛନ୍ତି ରାଜ୍ୟ କ୍ୟାବିନେଟ୍ । ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଆଜି ରାଜ୍ୟ କ୍ୟାବିନେଟରେ ୩୩ ପ୍ରସ୍ତାବ ଉପରେ ମୋହର ମାରିଛି ରାଜ୍ୟ କ୍ୟାବିନେଟ୍ ।

## କଟକ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ମିଶନ ଶକ୍ତି ମା'ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨ ସେପ୍ଟେମ୍ବର - ଗୁରୁବାର ସଂଧ୍ୟାରେ ନବୀନ ନିବାସଠାରେ କଟକ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ମିଶନ ଶକ୍ତି ଗୋଷ୍ଠୀର ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ । ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା ମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇ ଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟର ପ୍ରଶଂସା କରି କହିଥିଲେ ଯେ ଆପଣମାନଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ସଂପୂର୍ଣ୍ଣ ଭରସା ରହିଛି । ଆପଣମାନେ ମଧ ଗାଁ ଗାଁରେ ବିକାଶର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ ଭରସାକୁ ସାକାର କରିପାରିଛନ୍ତି । ଜାତୀୟ ପତାକା ତିଆରି ପରି ଏକ ମର୍ଯ୍ୟଦାପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଥିବାରୁ ମିଶନ ଶକ୍ତିର ମା ମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ । ମିଶନ ଶକ୍ତିରେ ସାମିଲ ହୋଇ ଆମେ ଗର୍ବିତ ବୋଲି ସେମାନେ ପ୍ରକାଶ କରିବା ସହିତ ଏଥିପାଇଁ ଆଜି ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭାର ବିକାଶ ହୋଇପାରିଛି ବୋଲି ସେମାନେ କହିଥିଲେ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଂଟନ ଦାୟିତ୍ୱ ଦେଇଥିଲେ ।

## ନକଲି ଔଷଧ ମାମଲା : ବିହାର ସ୍ୱାସ୍ଥ୍ୟ ସଚିବଙ୍କୁ ରାଜ୍ୟ ସରକାରଙ୍କ ଚିଠି

ଭୁବନେଶ୍ୱର, ୨୨ ସେପ୍ଟେମ୍ବର - ନକଲି ମେଡିସିନ୍ ର ଲିଙ୍କ୍ ଖୋଜିବାରେ ସହଯୋଗ କରିବାପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ସଚିବ ବିହାର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି । ସ୍ୱାସ୍ଥ୍ୟ ସଚିବ ଚିଠିରେ ଲେଖିଛନ୍ତି ଯେ ଓଡ଼ିଶାରୁ ମିଳିଥିବା ନକଲି ଔଷଧ ଟେଲମା-୪୦, ଟେଲମା-ଏମ ବିହାରର ଗୟାରୁ ଗ୍ଲେନମାର୍କ କମ୍ପାନିର ଫ୍ୟାକ୍ଟ୍ରିରୁ ଆସୁଛି । ବିହାର ଡ୍ରଗ କଂଟ୍ରୋଲରଙ୍କୁ ଏସଂପର୍କରେ ଅବଗତ କରାଇଥିଲେ ମଧ ଏ ନେଇ ବର୍ତମାନ ସୁଦ୍ଧା କୌଣସି ଉତର ଆସିଲା ନାହିଁ । ଏବେ ଏହାର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ଗୋଟେ ଟିମ ଗଠନ କରିଛନ୍ତି । ଏଥିରେ ଆସିଷ୍ଟାଂଟ ଡ୍ରଗ କଂଟ୍ରୋଲରଙ୍କ ସମେତ ଦୁଇ ଜଣ ପୁଲିସ ଅଫିସର ଅଛନ୍ତି । ଏମାନେ ସେ ଦିଗରେ ତଦନ୍ତ କରିବା ପାଇଁ ବିହାର ଯାଇଛନ୍ତି । ତେଣୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ବିହାରର ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ।

## ମୋହନ ଭାଗବତଙ୍କୁ 'ରାଷ୍ଟ୍ରପିତା' କହିଲେ ବରିଷ୍ଠ ମୁସଲିମ୍ ଧର୍ମଗୁରୁ ଉମର ଅହମ୍ମଦ ଇଲୟାସୀ



ନୂଆଦିଲ୍ଲୀ,୨୨/୦୯ : ଅଲ ଇଣ୍ଡିଆ ଇମାମ ଅର୍ଗାନାଇଜେସନ ମୁଖ୍ୟ ଉମର ଅହମ୍ମଦ ଇଲୟାସୀ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ରାଷ୍ଟ୍ରପିତା କହିଛନ୍ତି । ପିଲାଟି ବେଳୁ ସମସ୍ତେ ଜାଣିଛନ୍ତି ଯେ ଦେଶର ପିତା ତଥା ଜାତିର ଜନକ ହେଉଛନ୍ତି ମହାତ୍ମା ଗାନ୍ଧି । ହେଲେ ଆଜି ମୌଲବୀ ଇଲୟାସୀଙ୍କ ଭାଗବତଙ୍କ ପ୍ରତି ଏପରି ଉକ୍ତି ଚର୍ଚ୍ଚାର ବିଷୟ ପାଲଟିଛି । ଦେଶରେ ସାଂପ୍ରଦାୟିକ ସଂପ୍ରୀତି ପାଇଁ ପ୍ରୟାସ । ଦିଲ୍ଲୀ ମସଜିଦ୍ ?ରେ ସର୍ବଭାରତୀୟ ଇମାମ୍ ସଂଗଠନର ମୁଖ୍ୟଙ୍କୁ ଭେଟିଲେ ଆରଏସଏସ୍ ପ୍ରମୁଖ ମୋହନ ଭାଗବତ । ଆଜି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଦିଲ୍ଲୀର କସ୍ତୁରବା ଗାନ୍ଧୀ ମାର୍ଗ ଅ ଳରେ ଥିବା ଏକ ମସଜିଦକୁ ଯାଇ ଅଲ୍ ଇଣ୍ଡିଆ ଇମାମ୍ ଅର୍ଗାନାଇ-ଜେସନ୍‌ର ମୁଖ୍ୟ ମୌଲବୀ ଉମର୍ ଅହମଦ୍ ଇଲିୟାସିଙ୍କୁ ସାକ୍ଷାତ କରିଛନ୍ତି । ଆଜି ଉଭୟଙ୍କ ମଧ୍ୟରେ ପ୍ରାୟ ୧ ଘ । ଧରି ରୁଦ୍ଧଦ୍ୱାର ବୈଠକ ହୋଇଥିଲା । ପରେ ଭାଗବତ ମଦ୍ରାସାକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦପୂର୍ଣ୍ଣ ଓ ଫଳପ୍ରଦ ହୋଇଥିବା ଉଭୟ କହିଛନ୍ତି ।


▶▶ପୃଷ୍ଠା ୭


## ବିଧାୟକଙ୍କ କ୍ୱାର୍ଟର ପାଇଁ ଖର୍ଚ୍ଚ ହେବ ୫୧୦ କୋଟି ଟଙ୍କା

ଭୁବନେଶ୍ୱର, ୨୨/୦୯ (ନି.ପ୍ର ) - ଓଡିଶାର ବିଧାୟକମାନେ ରହିବା ଲାଗି କ୍ୱାର୍ଟର ନିର୍ମାଣ ପାଇଁ ୫୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ଯାହାକୁ ଆଜି କ୍ୟାବିନେଟ ଅନୁମୋଦନ ମିଳିଛି । ଏଥିରେ ୧୯୫ଟି ଟାଇପ-୬ ଓ ୧୦୫ଟି ଟାଇପ-୭ ସରକାରୀ କ୍ୱାର୍ଟର ନିର୍ମାଣ କରାଯିବ । ଏହି କାର୍ଯ୍ୟ ଅଢେଇ ବର୍ଷ ମଧ୍ୟରେ ଶେଷ ହେବ ।

## ଆଦିକନ୍ଦ ସେଠୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୨/୦୯ (ନି.ପ୍ର ) ଛତ୍ରପୁରର ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଛତ୍ରପୁରର ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ ।

## ବିଧାୟକ ଆଦିକନ୍ଦ ସେଠୀଙ୍କ ପରଲୋକ

ବ୍ରହ୍ମପୁର/ ଭୁବନେଶ୍ୱର, ୨୨/୦୯ (ନି.ପ୍ର ): ଛତ୍ରପୁରର ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀଙ୍କ ଆଜି ସକାଳେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ଉଲ୍ଲେଖନୀୟ ଯେ ଶ୍ରୀ ଆଦିକନ୍ଦ ସେଠୀ ଥରେ ବିଧାନସଭାର ସଦସ୍ୟ ରହିଥିଲେ । ସେ ୨୦୦୯ରୁ ୨୦୧୪ ଯାଏ ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରୁ ବିଧାୟକ ଭାବେ ଏହି ଆସନରୁ ବିଜୟୀ ହୋଇ ଥିଲେ । ହେଲେ ସେ ୨୦୧୪ରେ ବିଜେଡିରେ ଯୋଗ ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ନିଜ ଗାଁରେ ଛତ୍ରପୁରର ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି ।

## ପଂଚତତ୍ୱରେ ବୀଲୀନ ହେଲେ କମେଡ଼ି କିଙ୍ଗ ରାଜୁ ଶ୍ରୀବାସ୍ତବ



ନୂଆଦିଲ୍ଲୀ, ୨୨/୦୯: – ୪୨ ଦିନ ଧରି ଜୀବନ ସହ ଯୁଦ୍ଧ କରିବା ପରେ ବୁଧବାର ରାଜୁ ଶ୍ରୀବାସ୍ତବ ଏହି ଜଗତକୁ ବିଦାୟ ଦେଇଛନ୍ତି । ତାଙ୍କର ଶେଷ ରୀତିନୀତି ଗୁରୁବାର ଦିନ ଦିଲ୍ଲୀର ନିଗମ ବୋଧ ଘାଟରେ ହୋଇଥିଲା । ରାଜୁଙ୍କ ଶେଷ ବିଦାୟ ପାଇଁ ଯେଉଁମାନେ ତାଙ୍କ ସାଥି ଅଭିନେତା ହାସ୍ୟ ଅଭିନେତା ସୁନୀଲ ପାଲ, ଏହସାନ କୁରେଶିଙ୍କ ସମେତ ଅନେକ ସେଲିବ୍ରେଟ ଥିଲେ । ଏଥି ସହିତ ତାଙ୍କର ପ୍ରଶଂସକମାନେ ମଧ୍ୟ ବହୁ ସଂଖ୍ୟାରେ ଆସି ସେମାନଙ୍କ ପ୍ରିୟ କଳାକାରଙ୍କ ଶେଷ ଦର୍ଶନ କରିଥିଲେ । ରାଜୁ ଶ୍ରୀବାସ୍ତବଙ୍କ ଭାଇ ଦୀପୁ ରାଜୁ ଶ୍ରୀବାସ୍ତବ ମୁଖାଗ୍ନି ଦେଇଥିଲେ । ଏହା ପୂର୍ବରୁ ରାଜୁ ଶ୍ରୀବାସ୍ତବଙ୍କ ମୃତଦେହ ଦାଶରଥପୁରୀରେ ଥିବା ତାଙ୍କ ଭାଇଙ୍କ ଘରେ ରଖାଯାଇଥିଲା ।

## ଦେଶରେ ଦିଆଗଲାଣି ୨୧୭.୧୧ କୋଟିରୁ ଅଧିକ କରୋନା ଟିକା

ନୂଆଦିଲ୍ଲୀ, ୨୨/୦୯ : ଦେଶବ୍ୟାପି କରୋନା ଟୀକାକରଣ ଅଭିଯାନରେ ଗୁରବାର ସକାଳ ୮ ଟା ସୁଦ୍ଧା ୨୧୭ କୋଟି ୧୧ ଲକ୍ଷ ଟୀକା ଦେବା ସଂଖ୍ୟା ପାରି କରିସାରିଛି । ଗତ ୨୪ ଘଂଟାରେ ୧୫ ଲକ୍ଷ ୮୫ ହଜାର ଟିକା ଦିଆଯଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଅନୁସାରେ ଗୁରବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନା ବିରୋଧି ଟିକା ବର୍ତମାନ ସୁଦ୍ଧା ସମୁଦାୟ ୨୦୩.୪୫ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି । ଏଥି ମଧ୍ୟରୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କ ପାଖରେ ଆଜି ସୁଦ୍ଧା ୩.୫୬ କୋଟି ଟୀକା ମହଜୁଦ ଅଛି ।

## ଆଳୁ ଖୋଳୁ ଖୋଳୁ ମହାଦେବ : କାର୍‌ର ସିକ୍ରେଟ୍ ଚାମ୍ବରରୁ ମିଳିଲା କ୍ୱିଣ୍ଟାଲ ରୂପା ଇଟା



ଭୁବନେଶ୍ୱର : ଯାଂଚ ବେଳେ ମିଳିଲା ଆଖି ତରାଟିଲା ଭଳି ୧୩୯ କେଜିର ରୂପା ଇଟା, ୩୭ କେଜିର ଚାନ୍ଦି ଅଳଙ୍କାର ଓ ପାଖାପାଖି ୧୨ ଲକ୍ଷ ନଗଦ ଟଙ୍କା । ଯାଇଥିଲେ ଗଂଜେଇ ଧରିବାକୁ ହେଲେ ପାଇଗଲେ ମାଲ ମାଲ ରୂପା ଇଟା । ଖାଲି ରୂପା ଇଟା ନୁହଁ, ବିପୁଳ ଅଳଙ୍କାର ସହ ମିଳିଛି ଲକ୍ଷ ଲକ୍ଷ ଟଙ୍କା । ଯାହାକୁ ଦେଖି ତାଜୁବ୍ ଅବକାରୀ ଅଧିକାରୀ । ଗଂଜେଇ ଚାଲାଣ ଖବର ପାଇ କଟକ ଟାଙ୍ଗି ଟୋଲ୍ ଗେଟ୍‌ରେ ଚେକିଂ ବେଳେ ହାତରେ ଲାଗିଛି ଏସବୁ ସାମଗ୍ରୀ । କୁହାଯାଉଛି, ଗଞ୍ଜାମ ଆସିକାରୁ ପଶ୍ଚିମବଙ୍ଗକୁ ଏହା ଚାଲାଣ ହେଉଥିଲା । କାର୍‌ରେ ସିକ୍ରେଟ ଚାମ୍ବର କରି ଚାଲାଣ କରୁଥିଲେ ଦୁର୍ବୃ । ତେବେ ଚୋରାଚାଲାଣର ଉଦ୍ଦେଶ୍ୟ ଏବଂ ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ଜିଏସ୍ ?ଟି ବିଭାଗକୁ ମାମଲା ହସ୍ତାନ୍ତର କରିଛି ଅବକାରୀ ବିଭାଗ । ୨ ଅଭିଯୁକ୍ତଙ୍କୁ ଧରି ପଚରାଉଚରା କରୁଥିବା ବେଳେ ଚୋରାଚାଲାଣର କଟକ ଭାୟା ଗଂଜାମ ଲିଙ୍କ ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଆଳୁ ଖୋଳୁ ଖୋଳୁ ମହାଦେବ । ଖୋଜା ଚାଲିଥିଲା ଗଂଜେଇ ହେଲେ ମିଳିଲା ମାଳ ମାଳ ରୂପା ଇଟା । ଗୋଟିଏ କି ଦୁଇଟି ନୁହେଁ ୪୭ଟି ରୂପା ଇଟା ଜବତ କରିଛି ଅବକାରୀ ବିଭାଗ । ତାସହ ୧୪ ପ୍ୟାକେଟ୍ ରୂପା ଅଳଙ୍କାର । କେବଳ ଏତିକି ନୁହଁ, ଜବତ ହୋଇଛି ବିଡ଼ା ବିଡ଼ା ନୋଟ୍ । ସକାଳ ପ୍ରାୟ ୯ଟାରେ ଅବକାରୀ ବିଭାଗ ପାଖରେ ପହଂଚିଥିଲା ଗଂଜେଇ ଚୋରାଚାଲାଣର ଖବର । ସେହି ଖବର ଅନୁଯାୟୀ, କଟକ ଟାଙ୍ଗି ଟୋଲ୍ ଗେଟ୍ ନିକଟରେ ଛକି ବସିଥିଲା ଅବକାରୀ ଟିମ୍ । ଆଉ ସେହି ସମୟରେ ପହଂଚିଥିଲା ପଶ୍ଚିମବଙ୍ଗର ନମ୍ବର ଥିବା ଏକ କାର୍ । ଯାଂଚବେଳେ ମିଳିଲା ଆଖି ତରାଟିଲା ଭଳି ୧୩୯ କେଜିର ରୂପା ଇଟା, ୩୭ କେଜିର ଚାନ୍ଦି ଅଳଙ୍କାର ଓ ପାଖାପାଖି ୧୨ ଲକ୍ଷ ନଗଦ ଟଙ୍କା । ଅଧିକାରୀଙ୍କ କହିବା କଥା, ଗଞ୍ଜାମ ଜିଲ୍ଲା ଆସିକାରୁ ପଶ୍ଚିମବଙ୍ଗକୁ ଏସବୁକୁ ଚାଲାଣ କରାଯାଉଥିଲା । ତେବେ କିଏ ଏବଂ କେଉଁଠାରୁ କିଣିଥିଲେ ? କାହା ପାଖକୁ ଯାଉଥିଲା ଏସବୁ ? ତାର ଜିଏସ୍‌ଟି ଭରଣା ହୋଇଛି କି ନାହିଁ, ସେସବୁର ତଦନ୍ତ ପାଇଁ ଏବଂ ୨ ଜଣଙ୍କୁ ଧରି ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛି ଅବକାରୀ ବିଭାଗ । କାର୍‌ରେ ରହିଥିଲା ସିକ୍ରେଟ୍ ଚାମ୍ବର । ସିଟ୍‌କୁ କାଟି ସିକ୍ରେଟ ଚାମ୍ବର କରାଯାଇଛି । ଫିଲ୍ମ ଷ୍ଟାଇଲ୍‌ରେ ଏହି ସିକ୍ରେଟ ଚାମ୍ବରରେ ୭୮ ଲକ୍ଷରୁ ଅଧିକ ଟଙ୍କାର ରୂପା ଇଟା, ୨୦ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଆଉ ବିଡ଼ା ବିଡ଼ା ନୋଟ୍‌କୁ ଥାକ ମରାଯାଇଥିଲା । କର୍ର୍‌ର ଡ୍ରାଇଭରଙ୍କ କହିବା କଥା, ମାଲିକର ନିର୍ଦ୍ଦେଶକ୍ରମେ ନିର୍ଦ୍ଧାରିତ ସ୍ଥାନରେ ମାଲ୍ ପହଂଚାଇବା ତାଙ୍କର ଦାୟିତ୍ୱ ଥିଲା ।


▶▶ପୃଷ୍ଠା ୭

# ମୟୁରଭଂଜ ଫୁଟବଲ ଏକାଡେମୀର ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

## ଜିଲ୍ଲାରେ ଫୁଟବଲ କ୍ରୀଡାର ବିକାଶ ପାଇଁ ପ୍ରୟାସ ଜାରୀ ରହିବ- କେନ୍ଦ୍ରମନ୍ତ୍ରୀ



ବାରିପଦା,୨୨/୦୯ (ନି.ପ୍ର): ବାରିପଦା ବ୍ଲକ ଶଙ୍ଖାଭଙ୍ଗା ଫୁଲବଲ ପଡିଆରେ ମୟୁରଭଂଜ ଫୁଟବଲ ଏକାଡେମୀ (ଟ୍ରଷ୍ଟ) ତରଫରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନେରନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରେରେ ଏକ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟଣ୍ଟ ଆୟୋଜନ କରାଯାଇଥିଲା । ଶଙ୍ଖାଭଙ୍ଗା ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ ଓ ମୟୁରଭଂଜ ଫୁଟବଲ ଏକାଡେମୀ (ଟ୍ରଷ୍ଟ)ର ମିଳିତ ସହଯୋଗର ଗତ ୧୭/୦୯/୨୨୦୨ ରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟେର ମୟୁରଭଂଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୬ ଟି ଟିମ ଅଂଶଗ୍ରହଣ କରିଥିଲେ। ତିନି ଦିନ ଧରି ଚାଲିଥିଲା ଏହି ଟୁର୍ଣ୍ଣାମେଂଟର ସମସ୍ତ ମ୍ୟାଚ ନକଆଉଟ ପର୍ଯ୍ୟାୟରେ ଖେଳା ଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନି ତଥା ଫାଇନାଲ ଖେଳରେ ବାରିପଦା ବ୍ଲକ ଓ ବିଶୋଇ ବ୍ଲକ ମଧରେ ଖେଳା ଯାଇଥିଲା । ଏହି ଉଦଯାପନୀ ସନ୍ଧ୍ୟାରେ ମୟୁରଭଂଜ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ବାରିପଦା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିବା ସହିତ ରନରସଅପ ବିଶୋଇ ଦଳକୁ ମଧ ପୁରସ୍କୃତ କରିଥିଲେ । ମୟୁରଭଂଜ ଜିଲ୍ଲାରେ ଫୁଟବଲ ଏକାଡେମୀ ପ୍ରତିଷ୍ଠା ହେବା ପେର ତାର ପ୍ରଥମ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଆୟୋଜିତ ପ୍ରଥମ ଟୁର୍ଣ୍ଣାମେଣ୍ଟ ପାଇଁ କେନ୍ଦ୍ରମନ୍ତ୍ରୀ ସମସ୍ତଙ୍କୁ ସାଧୁବାଦ ଜଣାଇବା ସହିତ ଜିଲ୍ଲାରେ ଫୁଟବଲ କ୍ରୀଡାର ବିକାଶ ପାଇଁଏକାଡେମୀ ଦ୍ୱାରା ଆଗାମୀ ଦିନେର ବିଭିନ୍ନ ଲିଗ୍, ବଡ ବଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଏକାଡେମୀ ତରଫରୁ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଛାତ୍ରାବାସ ନିର୍ମାଣ ଆଦି ବିଭିନ୍ନ ବିଷୟରେ ସେ ସମସ୍ତ ପ୍ରକାର ସହେଯାଗ କରିବେ ବୋଲି ନିଜ ବକ୍ତବ୍ୟରେ କହିଲେ । ଏହି ଉଦଯାପନୀ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କ ସହିତ, ମୟୁରଭଂଜ ମହାରାଜା ପ୍ରବୀଣ ଭଂଜେଦଓ, ମୟୁରଭଂଜ ଫୁଟବଲ ଏକାଡେମୀ (ଟ୍ରଷ୍ଟ)ର ସଭାପତି ସୁମିତ୍ରା ଟୁଡୁ, ବଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଛୋଟେଲାଲ ମହାନ୍ତ, ବରିଷ୍ଠ ବିଜେପି ନେତା ଜୀବନ ସାହୁ, ଯୁବନେତା ଫାଗୁ ହାଁସଦାଙ୍କ ସହିତ ବିଭିନ୍ନ ବଗର୍ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଜଳେଶ୍ୱର ପଂଚାୟତ ସମିତିର ଦ୍ୱିତୀୟ ବୈଠକ



ଜଳେଶ୍ୱର ୨୧/୯(ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ୨ୟ ବୈଠକରେ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗ ଦେଇ ବିଧାନ ସଭା ଭଳି ପଂଚାୟତ ସମିତିରେ ନିର୍ବାଚିତ ପ୍ରତିନିଧି ମାନେ ଯୋଗ ଦେଉଥିବାରୁ ସାମଗ୍ରୀକ ଭାବରେ ଅଂଚଳିତ ସମସ୍ୟା ସଂପର୍କରେ ଆଲୋଚନା କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗ ଦେଇ ପର୍ଶ୍ଚିମବଂଗର ଉଦ୍‌ବୃତ ବର୍ଷାପାଣି ସମସ୍ୟାର ସମାଧାନ ଲାଗି ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ ବୋଲି କହିଥିଲେ । ଏଥିରେ ବିଡିଓ ପୁନମ୍ ରାଉତ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଉପାଧ୍ୟକ୍ଷା ସଂଜିତା ସେନାପତି, ଏବିଡିଓ ଦିବ୍ୟସିଂହ କହଁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସେମାନଙ୍କ ବ୍ୟତିତ କୃଷି ବିଭାଗକୁ ଗୁରୁତ୍ୱ ଦେଇ ନିର୍ବାଚିତ ପ୍ରତିନିଧିମାନେ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଚାହିଁଥିଲେ । ସରଗରମ ଆଲୋଚନାରେ ଗୋଷ୍ଠି କୃଷି ଅଧିକାରୀ ସଂଜୟ ରାଉତ ଗତ ସୁବର୍ଣ୍ଣରେଖା ବନ୍ୟାରେ ୧୨୪୦ ହେକ୍ଟର ଜମିର ଧାନ ଓ ୧୭୫ ହେକ୍ଟର ଜମିର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାର ପ୍ରକାଶ କରିଥିଲେ ମଧ୍ୟ ସରପଂଚ ଓ ସମିତି ସଦସ୍ୟମାନେ ଏଥିସହିତ ଏକମତ ହୋଇନଥିଲେ । ଏହା ବ୍ୟତିତ ପ୍ରତି ପଂଚାୟତରେ ଥିବା ସାର ଓ କୀଟନାସକ ଔଷଧର ତାଲିକ ନିର୍ବାଚିତ ପ୍ରତିନିଧିଙ୍କୁ ଜଣାଇ ଦେବକୁ ବୈଠକରେ ସ୍ଥିତ ହୋଇଥିଲା । ସେହିପରି ଶିକ୍ଷା ବିଭାଗରେ ଆଲୋଚନା ବେଳେ ଲେଭେଲ ୩ ପ୍ରଧାନ ଶିକ୍ଷକ ୮ଜଣ ଲେଭେଲ ୪ ପ୍ରଧାନ ଶିକ୍ଷକ ୬ଟି ପଦବି ଖାଲିଥିବା ବେଳେ ଛାତ୍ର ସଂଖ୍ୟାକୁ ଲକ୍ଷ୍ୟ କରି ୫୦ଜଣ ଶିକ୍ଷକ ଅତିଶୀଘ୍ର ଯୋଗାଇ ଦେବାକୁ ଆଲୋଚନା ହୋଇଥିଲା । ଏହା ବ୍ୟତିତ ପାନୀୟ ଜଳ , ଜଳସେଚନ ବିଷୟରେ ଆଲୋଚନା ହୋଇଥିବା ବେଳେ ଆବସ ଯୋଜନାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୁହାଯାଇଥିଲା ।

# ଛେଳି ଚୋରକୁ ନିର୍ଧୁମ ଛେଚିଲେ ଗ୍ରାମବାସୀ

ଖଇରା,୨୨/୦୯ (ନି.ପ୍ର): ଖଇରା ଥାନା ଅଧୀନ ତୁଡିଗଡିଆ ଗାନ୍ଧୀଛକରେ ଜଣେ ଛେଳିଚୋରକୁ ଗ୍ରାମବାସୀ ନିର୍ଧୁମ ଛେଛିବା ପରେ ତାକୁ ସାଙ୍ଗରେ ଧରି ସୋର ପଳାଇଥିଲେ । ୨ଜଣ ଯୁବକ ସୋର ଥାନା ନଦୀଗାଁ ଅଞ୍ଚଳରୁ ଏକ ଛେଳି ଚୋରୀ କରି ବୁଲେଟରେ ଧରି ଦ୍ରୁତଗତିରେ ତୁଡିଗଡିଆ ଆସି ସେଠାରୁ ମାଖନପୁର ରାସ୍ତାରେ ଚାଲି ଯାଉଥିଲେ । ପରେ ତାକୁ ପିଛାକରି ଗ୍ରାମବାସୀ ମାନେ ଗାନ୍ଧୀଛକ ନିକଟରେ ଅଟକାଇ ନିର୍ଧୁମ ଛେଚିବା ପରେ ସୋର ଥାନାରେ ଜିମା ଦେବାପାଇଁ ତସେମାନଙ୍କୁ ସାଙ୍ଗରେ ଧରି ସୋର ପଳାଇଥିଲେ ।

# ଜିଲ୍ଲାପାଳଙ୍କ ଖଇରା ବ୍ଲକ ପରିଦର୍ଶନ

ଖଇରା,୨୨/୦୯ (ନି.ପ୍ର): ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ବୁଧବାର ଖଇରା ବ୍ଲକ ପରିଦର୍ଶନ କରିବା ସହ ବିଡିଓ ପର୍ଶୁରାମ ପଣ୍ଡାଙ୍କ ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବିଶେଷ କରି ମହିଳା ଗ୍ରୁପ ଗୁଡିକ କିଭଳି ଅଧିକରୁ ଅଧୀକ ଉତ୍ପାଦନକ୍ଷମ ହୋଇ ପାରିବେ ସେ ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଞ୍ଚଳରେ ବିଜୁ ଜନତା ଦଳର ବୈଠକ

ମାଲକାନଗିରି,୨୨/୦୯ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ର ୧୦ ଗୋଟି ପଞ୍ଚାୟତର ବିଜୁ ଜନତା ଦଳର କର୍ମୀ ଙ୍କୁ ନେଇ ଆଜି ଏକ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦଶଗୋଟି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ସଭାପତି, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଏବଂ ସମସ୍ତ ବିଜୁ ଜନତା ଦଳ ର କର୍ମୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଭିନ୍ନ ପ୍ରକାର ଉନ୍ନୟନ କାମ ସହିତ ଦଳ ଆଗକୁ କିଭଳି କାର୍ଯ୍ୟ ହେବ ଆଲୋଚନା କରିଥିଲେ । ରାଲେ ଗଡା ସରପଞ୍ଚ କମଳୁ ହନ୍ତାଳ ସଭା ଆୟୋଜନ କରିଥିଲେ । ଏଥିରେ ଚିତ୍ରକୋଣ୍ଡା ଜିଲ୍ଲା ପରିଷଦ ଜୋନ ୨ ର ସମସ୍ତ ସରପଞ୍ଚ, ସମିତି ମେମ୍ବର, ଜୋନ ସଭାପତି ପ୍ରସାଦ ଅନୁପାଲ, ଉପସଭାପତି ରାମଚନ୍ଦ୍ର ଗଲେଲ,ବରିଷ୍ଠ କର୍ମୀ ପିତାମ୍ବର ଖେମୁଡୁ, ସରପଞ୍ଚ ସଂଘ ସଭାପତି କମଳୁ ହନ୍ତାଳ, ଉପସଭାପତି ପିଙ୍କି ହନ୍ତାଳ ଉପସ୍ଥିତ ଥିଲେ ।

# ୧୦୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ସାକ୍ଷାତକଲେ ପ୍ରତିନିଧି ମଣ୍ଡଳି



ପାରାଦ୍ୱୀପ ,୨୨/୦୯ (ନି.ପ୍ର): ବୁଧବାର କୁଜଙ୍ଗ ବ୍ଲକ ରାହାମା ଠାରେ ଥିବା ପ୍ରତାପ ଚନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାହାମା କୁ ୧୦୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଟ୍ରାମା କେୟାର ସେଣ୍ଟର ନିମନ୍ତେ ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି, ରାହାମା ଓଡ଼ିଶାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରିଥିଲେ। ସୂଚନା ଅନୁଯାଇ ଦୀର୍ଘ ଦିନ ହେବ କୁଜଙ୍ଗ,ଏରସମା, ପାଟକୁରା ଓ ତିର୍ତୋଲ ବ୍ଲକର ୫୦'ଗୋଟି ଗ୍ରାମପଞ୍ଚାୟତ ର ଜନସାଧାରଣ ମାନେ ପ୍ରତାପ ଚନ୍ଦ୍ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରାହାମା କୁ ୧୦୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ଦାବିକରି ଆସୁଛନ୍ତି । ୧୯୯୪ ମସିହାରେ ପ୍ରବାଦ ପୁରୁଷ ତତ୍କାଳିନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱର୍ଗତ ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମହାନ୍ତି ଙ୍କ ନାମରେ ସ୍ଥାପିତ କରିଥିଲେ। ଜଗତସିଂହପୁର ଜିଲ୍ଲାର ରାହାମା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ହୋଇ ଥିବାରୁ ପ୍ରତେକ ଦିନ ରାହାମା ବଜାରରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳେ ଓ ରାହାମାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାରଳା ମହାବିଦ୍ୟାଳୟ, ସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ତିନିଗୋଟି ଇଂରାଜୀ ବିଦ୍ୟାଳୟ, ରାହାମା ରେଲୱେ ଷ୍ଟେସନ, ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଜାତୀୟକରଣ ବ୍ୟାଙ୍କ, ବେସରକାରୀ ଫାଇନାନସ କମ୍ପାନୀ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ ରହିଛନ୍ତି । କଟକ ପାରାଦ୍ୱୀପ ମୁଖ୍ୟ ରାସ୍ତାରେ ପ୍ରତେକ ଦିନ ଛୋଟବଡ଼ ଦୃଘଟଣା ଘଟୁଥିବାରୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନେ ପହଞ୍ଚି ବହୁ ଅସୁବିଧାର ସମ୍ମୁଖୀନ ହେବାସହିତ ବାରମ୍ବାର ସରକାରଙ୍କ ଉଚ୍ଚ ଅଧିକାରୀ ମାନଙ୍କୁ ଏହି ଦାବି କରିଆସୁଥିଲେ । ଏହି ପରିପ୍ରେକ୍ଷୀରେ ଫେବୃଆରୀ ମାସରେ ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ରାହାମା ଦ୍ୱାରା ଗଣତାନ୍ତ୍ରିକ ପ୍ରକିୟାରେ ଆନ୍ଦୋଳନ କରାଯାଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଷ୍ଟାଚୁ ନିକଟରେ ଧାରଣା ଦିଆଯାଇ ଥିଲା ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱାରୀ ମହୋଦୟାଙ୍କ ଅନୁରୋଧ ରକ୍ଷାକରି ଧାରଣା ପ୍ରତ୍ୟାହାର ହେବା ସହିତ ଜିଲ୍ଲାପାଳ ଅଞ୍ଚଳ ବାସୀଙ୍କ ଦାବିରେ ଯଥାର୍ଥତା ଉପଲବ୍ଧିକରୀ ରାହାମାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଟ୍ରାମା କେୟାର ସେଣ୍ଟର ପ୍ରତିଷ୍ଠା ନିମନ୍ତେ ସେ ସମୟରେ ଚିଠି ମାନ୍ୟବର ସ୍ୱାସ୍ଥ୍ୟ ସଚିବ ଓଡିଶା ସରକାର ଙ୍କୁ ପ୍ରଦାନ କରି ଥିଲେ। ଆଜି ଭୁବନେଶ୍ୱର ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ସ୍କିନିଂ କମିଟି ବୈଠକ ହେଉଥିବାର ଜାଣି ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ରାହାମା ତରଫରୁ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ କମିଟିର ସଭାପତି ତଥା ମୁଖ୍ୟ ସଂଯୋଜକ ଏବଂ ସମ୍ପାଦକ ସମାଜସେବୀ ଡ଼ଃ ସୁନାକର ବେହେରା, ଦେବାଶିଷ ଅକ୍ଷୟ କୁମାର ମହାନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ବିଜୟ କୁମାର ମହାପାତ୍ର ଙ୍କୁ ସାକ୍ଷାତ କରି ସମସ୍ତ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ମାନନୀୟ ବିଧାୟକ ପାରାଦ୍ୱୀପ ଇ.ସମ୍ବିତ ରାଉତରାଏ, ମାନନୀୟା ସାଂସଦ ଜଗତସିଂହପୁର ଡା ରାଜଶ୍ରୀ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ମହୋଦୟଙ୍କୁ ଭେଟି ଉକ୍ତ ପ୍ରସ୍ତାବକୁ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଉଚ୍ଚ କ୍ଷମତା ସମ୍ପର୍ଣ୍ଣ କମିଟିରେ ଗୃହୀତ କରାଇବା ପାଇଁ ନିବେଦନ କରିଥିଲେ।

# ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ "ସ୍ୱାଧୀନତାର ଉଲ୍ଲାସ" କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି,୨୨/୦୯ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତି ପାଳନ ଅବସରରେ ୧୫ ଅଗଷ୍ଟ ୨୦୨୨ରୁ ୨ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ କୋଣ ଅନୁକୋଣରେ ପାଳନ କରାଯାଉଥିବା ବେଳେ ନୀଳଗିରି ଏନ.ଏ.ସି. ପକ୍ଷରୁ ସେପ୍ଟେମ୍ବର ୧୮ତାରିଖରୁ ବିଭିନ୍ନ ୱାର୍ଡରେ ପାଳନ କରାଯାାଉଥିବା ବେଳେ ଆଜି ୪ନଂ. ୱାର୍ଡ ମିରିଗିଣିରେ "ସ୍ୱାଧୀନତାର ଉଲ୍ଲାସ" କାର୍ଯ୍ୟକ୍ରମରେ ନୀଳଗିରି ଏନ.ଏ.ସି. ର ଅଧକ୍ଷା ଅମ୍ବିକା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏନ.ଏ.ସି. ଉପାଧ୍ୟକ୍ଷ ମହେନ୍ଦ୍ର ବେହେରା ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିବା ବେଳେ କୃତି ଛାତ୍ରଛାତ୍ରୀମାନଙ୍କୁ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ମାନପତ୍ର ପ୍ରଦାନ କରିଥିଲେ ।

# ଲକ୍ଷାଧିକ ଟଙ୍କାର କାଠ କୋଇଲା ସହ ପିକ ଅପ୍ ଭ୍ୟାନ ଜବତ

ଘଟଗାଁ,୨୨/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବନବିଭାଗକୁ କିଛିଦିନ ବ୍ୟବଧାନରେ ପୁଣି ମିଳିଛି ସଫଳତା । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ ଘଟଗାଁ ରେଞ୍ଜ ଅନ୍ତର୍ଗତ ମେଲାଣ ଗ୍ରାମ ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲ ନିକଟରୁ ବନବିଭାଗ ବିପୁଳ ପରିମାଣରେ କାଠ କୋଇଲା ସହ ଏକ ପିକ ଅପ୍ ଭ୍ୟାନ ଜବତ କରିଛି । କାଠ କୋଇଲା ବୋଝେଇ ହୋଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ପେଟ୍ରୋଲିଂ କରୁଥିବା ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଂଚିଥିଲା। ପୂର୍ବରୁ ଖବର ପାଇ ଗାଡି ଡ୍ରାଇଭର ସହ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ । ଘଟଣାସ୍ଥଳରୁ ବନବିଭାଗ ସ୍କ୍ୱାର୍ଡ ପିକ ଅପ୍ ଭ୍ୟାନ ଜବତ କରିବା ସହ ୪୦ ବସ୍ତା କାଠ କୋଇଲା ଜବତ କରିଛି ।

# ଭୋଟର ସଚେତନତା ରଥର ପରିକ୍ରମଣ

ନୀଳଗିରି,୨୨/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ବାଲେଶ୍ୱର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତାତ୍ରେୟ ଭାଉ ସାହେବ ସିନ୍ଧେ ଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ସଚେତନତା ରଥ ସମଗ୍ର ଜିଲ୍ଲାର ପରିକ୍ରମଣ କରୁଅଛି । ଏହି ରଥ ଆଜି ନୀଳଗିରି ବ୍ଲକରେ ପହଂଚିବା ପରେ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା । ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବି.ଡି.ଓ. ରାହୁଲ ମଣ୍ଡଳ ଉପସ୍ଥିତ ଥିଲେ । ଏହି ଭୋଟର ସଚେତନତା ରଥ ସମସ୍ତ ଭୋଟରମାନଙ୍କୁ ସଚେତନ ନିମନ୍ତେ କେତୋଟି ଉପାଦେୟ ବାର୍ତା ବହନ କରି ପରିକ୍ରମଣ କରୁଅଛି । ବିଶେଷତ୍ୱ ଭୋଟରମାନଙ୍କର ଭୋଟ ପରିଚୟ ପତ୍ର ସହ ଆଧାର ନମ୍ବର ସଂଲଗ୍ନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ୧୮ ବର୍ଷରୁ ଉର୍ଦ୍ଧ୍ୱ ନୂତନ ଭାବେ ନିର୍ଦ୍ଦିଷ୍ଟ ଫର୍ମରେ ଭୋଟର ପରିଚୟ ନିମନ୍ତେ ଆବେଦନ କରିବା, ନିର୍ଦ୍ଦିଷ୍ଟ ଫର୍ମରେ ନିଜର ନାମ ବାଦ ଦେବା, ତ୍ରୁଟି ଥିଲେ ସଂଶୋଧନ କରିବା, ପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ । ନଚେତ୍ ଗୁଗୁଲରେ ନିଜ ନିଜ ସ୍ମାଟ ଫୋନ୍ ମାଧମରେ କରିପାରିବାର ସରଳ ପନ୍ଥା ରହିଛି । ଏହି ପରିପ୍ରେକ୍ଷୀରେ ନୀଳଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ବିଡିଓ ରାହୁଲ ମଣ୍ଡଳ, ସହକାରୀ ଜିଲ୍ଲାପାଳ ସିଦ୍ଧାନ୍ତ ସୌରବ ପରିଡ଼ା, ଜି.ପି.ଓ. ମିନତୀ ସିଂ ଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭୋଟର ସଚେତନତା ରଥ ପରିକ୍ରମଣ ବାବଦରେ ଉପସ୍ଥିତ ବୁଥ୍ ସ୍ତରୀୟ କର୍ମକର୍ତା , ସୁପରଭାଇଜର, ବି.ଏଲ.ଓ. ମାନଙ୍କୁ ଭୋଟରମାନଙ୍କର ଭୋଟର ପରିଚୟ ସହିତ ଆଧାର ସଂଯୋଗୀକରଣରେ କୌଣସି ତୃଟି ନ ରହିବା ସହ ଧାର୍ଯ୍ୟ ଦିବସ ମଧରେ ଶତପ୍ରତିଶତ ସଂଯୋଗୀକରଣ ପାଇଁ ପରାମର୍ଶ ଦେଇଥିଲେ ।

# ଫଂଗୁଣା ୟୁପି ସ୍କୁଲରେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ ଘଟଣା

## ତଦନ୍ତର ୭ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଖଇରା,୨୨/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ଫଂଗୁଣାସ୍ଥିତ ଶିବ ପ୍ରସାଦ ସରକାରୀ ୟୁପି ସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ତେଜସ୍ ଲେଙ୍କାଙ୍କୁ ସ୍କୁଲର ଜଣେ ସହକାରୀ ଶିକ୍ଷୟତ୍ରୀ ମାଡମାରି ଆହତ କରିବା ଘଟଣାରେ ଶିକ୍ଷାଧିକାରୀଙ୍କ କୋହଳ ମନୋଭାବକୁ ନେଇ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀଙ୍କ ତଦନ୍ତରେ ୭ଦିନ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଉକ୍ତ ଶିକ୍ଷୟତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢୀଙ୍କୁ ପଚାରିବାରେ ସେ ତଦନ୍ତ ରିପୋର୍ଟ ପାଇବା ପରେ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି । ତାହ ହସ୍ତଗତ ହେବା ପରେ ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ୧୪ ତାରିଖ ଦିନ ଉକ୍ତ ସହକାରୀ ଶିକ୍ଷୟତ୍ରୀ ଜଣକ ନିଜ ଶିଶୁପୁତ୍ରକୁ ସାଙ୍ଗରେ ଧରି ବିଦ୍ୟାଳୟକୁ ଯାଇଥିଲେ । ତାଙ୍କ ପୁଅ ତେଜସକୁ ଖେଳିବାକୁ ଡାକିଲା । ତେଜସ ନଆସିବାରୁ ସେହି ପିଲାଟି ତାକୁ ମାଡ ମାରିଲା । ତେଜସ ମଧ୍ୟ ପ୍ରତିବାଦ କରିଥିଲା । ଏଥିରେ କ୍ରୋଧିତ ହୋଇ ଶିକ୍ଷୟତ୍ରୀ ଜଣକ ସନ୍ତାନ ମୋହରେ ପାଖରେ ପଡିଥିବା ଏକ ପ୍ଲାଷ୍ଟିକ ପାଇପ ଉଠାଇ ଆଣି ନିଷ୍ଠୁର ପ୍ରହାର କରିଥିଲେ । ତେଜସଙ୍କ ପାଖରେ ବସିଥିବା କ୍ଷିରୋଦ ଶତପଥି ନାମକ ଛାତ୍ର ମଧ୍ୟ ଆହତ ହୋଇଥିଲେ । ଏହା ବିରୋଧରେ ତେଜସର ଜେଜେବାପା ପ୍ରଭାକର ଲେଙ୍କା ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଖଇରା ଚାଇଲ୍ଡ ଲାଇନରେ ଲିଖିତ ଅଭିଯୋଗ କରିଥିଲେ । ଯଦି କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଘଟେ ତେବେ ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣାରେ ବସିବେ ବୋଲି ତେଜସଙ୍କ ବାପା ଶୁଭେନ୍ଦ୍ର ଲେଙ୍କା କହିଛନ୍ତି ।

# ଜାତୀୟସ୍ତରୀୟ କନିଷ୍ଠ ଟେନିସ୍ ବଲ୍ କ୍ରିକେଟ ପ୍ରତିଯୋଗିତା : ଭଦ୍ରକର ୫ ଖେଳାଳି ସ୍ଥାନ ପାଇଲେ

ଭଦ୍ରକ,୨୨/୦୯ (ନି.ପ୍ର): ଉତ୍ତରାଖଣ୍ଡରେ ହରିଦ୍ୱାର ଠାରେ ହେବାକୁ ଥିବା ୩୦ତମ ଜାତୀୟ ସ୍ତରୀୟ ଅଣ୍ଡର ୧୯ ଜୁନିଅର ଟେନିସ୍ ବଲ୍ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ବାଳକ ଓ ବାଳିକା ଓଡ଼ିଶା ଦଳରେ ଭଦ୍ରକରୁ ୫ ଜଣ ଖେଳାଳି ସାମିଲ ହୋଇଛନ୍ତି । ବାଳକ ବିଭାଗରେ ୨ଜଣ ଖେଳାଳି ରୌନକ ମିଶ୍ର ଓ ବିଦ୍ୟାସାଗର ନାୟକ ଏବଂ ବାଳିକା ବିଭାଗରେ ୩ଜଣ ପ୍ରୀକ୍ଷା ପୁହାଣ, ସ୍ମୃତିରେଖା ସେଠୀ ଓ ଜୟଶ୍ରୀ ଜେନା ସ୍ଥାନ ପାଇଛନ୍ତି । ଖେଳାଳିଙ୍କ ସଫଳତା କାମନା କରି ଭଦ୍ରକ ଜିଲ୍ଲା ଟେନିସ ବଲ୍ କ୍ରିକେଟ ଆସୋସିଏସନର ସମ୍ପାଦକ ଦେବବ୍ରତ ଜେନା, ସଭାପତି ଗୌରହରି ମଣ୍ଡଳ, କାର୍ଯ୍ୟକାରୀ ସଭାପତି ଗୋଲକ ନାୟକ, ଉପସଭାପତି ମନୋଜ ଦାସ, ଜଗବନ୍ଧୁ ବେହେରା, ଲକ୍ଷ୍ମୀକାନ୍ତ ପୁହାଣ, କୋଷାଧକ୍ଷ ସହିଦ୍ ଖାଁ, ଚେୟାରମ୍ୟାନ ମୃତ୍ୟୁଞ୍ଜୟ ମହାନ୍ତି, କ୍ରୀଡା ଶିକ୍ଷକ ମନୋଜ ସାହୁ, ଉପଦେଷ୍ଟା ଜ୍ଞାନେନ୍ଦ୍ର ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।




# କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଫୁଲବାଣୀ ଶାଖା ତରଫରୁ ହିନ୍ଦୀ ପକ୍ଷ ପାଳିତ

କନ୍ଧମାଳ,୨୨/୦୯ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ , କ୍ଷେତ୍ରୀୟ କାର୍ଯ୍ୟାଳୟ,ଫୁଲବାଣୀ ପକ୍ଷରୁ ଆଜି ହିନ୍ଦୀ ପକ୍ଷ,୨୦୨୨ କାର୍ଯ୍ୟାଳୟ ପରିସରରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ସାହୁ, ମୁଖ୍ୟ ପରିଚାଳକ , ଆଞ୍ଚଳିକ କାର୍ଯ୍ୟାଳୟ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଫୁଲବାଣୀ, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ହେମନ୍ତ କୁମାର ପ୍ରଧାନ, ଆୟକର ଇନିସ୍ପେକ୍ଟର, ଫୁଲବାଣୀ, ପାଣ୍ଡୁ ଚରଣ ସାହୁ, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, କୋପରେଟିଭ ସୋସାଇଟି, ଫୁଲବାଣୀ, ମହେନ୍ଦ୍ର କୁମାର ପ୍ରଧାନ , ଆସିଷ୍ଟାଣ୍ଟ ଇଂଜିନିୟର, ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ସୁଜିତ କୁମାର ପ୍ରଧାନ, ହିନ୍ଦୀ ଆଚାର୍ଯ୍ୟ , ସରସ୍ୱତୀ ବିଦ୍ୟା ମନ୍ଦିର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ହିନ୍ଦୀର ପ୍ରଚାର ଓ ପ୍ରସାର ପାଇଁ ସହାୟକ ହେଉଥିବା ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ । ଦେଶ କୁ ଏକତା ସୂତ୍ରରେ ବାନ୍ଧି ର୍ଖିବାପାଇଁ ହିନ୍ଦୀ ଭାଷା ଏକମାତ୍ର ମାଧମ ବୋଲି ସମସ୍ତ ବକ୍ତା ସର୍ବସମ୍ମତିକ୍ରମେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ନନ୍ଦ, କ୍ଷେତ୍ର ପ୍ରଚାର ସହାୟକ ଆୟୋଜନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଶ୍ଚିମବଙ୍ଗର ଦାର୍ଜିଲିଂ



ଦାର୍ଜିଲିଂ ପଶ୍ଚିମବଙ୍ଗ ରାଜ୍ୟର ଉତ୍ତରରେ ଅବସ୍ଥିତ । ଏହାର ସୀମା ବାଂଲାଦେଶ, ଭୂଟାନ ଓ ନେପାଳ ସହିତ ଲାଗିଛି । ଏହା ସମୁଦ୍ର ପତ୍ତନରୁ ୨୧୩୪ ମିଟର ଉଚ୍ଚରେ ସ୍ଥିତ ଓ ବିଭିନ୍ନ ବୌଦ୍ଧ ମଠ ଓ ହିମାଳୟର ପାହାଡ଼ ଦ୍ୱାରା ପରିବେଷ୍ଟିତ । ଏହା ଏକ ପ୍ରସିଦ୍ଧ ହିଲଷ୍ଟେସନ୍ । ଦାର୍ଜିଲିଂ କେବଳ ଚା ପାଇଁ ପ୍ରସିଦ୍ଧ ତା ନୁହେଁ ଏହାର ସୌନ୍ଦର୍ଯ୍ୟତା ପାଇଁ ଏହି ସହର ପୂରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଠାରେ ରହୁଥିବା ଅଧିକାଂଶ ନିବାସୀ ବୌଦ୍ଧ ଅଟନ୍ତି ଓ ପ୍ରାୟତଃ ନେପାଳୀ ଓ ବଙ୍ଗାଳୀ ଭାଷା କୁହାଯାଏ। ଭ୍ରମଣ ପାଇଁ ଏହା ଯେତେ ପ୍ରସିଦ୍ଧ, ସପିଙ୍ଗ୍ ପାଇଁ ମଧ୍ୟ ସେଠାରେ ଭଲ ବିକଳ୍ପ ରହିଛି । ଦାର୍ଜିଲିଂର ଉତ୍ପତ୍ତି ଦୁଇଟି ତିବ୍ବତୀ ଶବ୍ଦରୁ ହୋଇଛି ଯଥା- ଦୋରଜେ ଓ ଲିଙ୍ଗ । ଦୋରଜେର ଅର୍ଥ ବଜ୍ର ଓ ଲିଙ୍ଗର ଅର୍ଥ କ୍ଷେତ୍ର ବା ସ୍ଥାନ । ସେଥିପାଇଁ ଦାର୍ଜିଲିଂ ତେଜ ବଜ୍ରପାତ ଓ ବିଜୁଳି ପାଇଁ ମଧ୍ୟ ପ୍ରସିଦ୍ଧ । ସେଠାରେ ଥିବା ରୋପୱେ , ସିଆର ସବୁଠାରୁ ବଡ଼ ରୋପୱେ । ଟୟ ଟ୍ରେନର ସୁବିଧା ସେଠାରେ ରହିଛି ଓ ଏହା ଧିମା ଗତିରେ ଚାଲେ, କାରଣ ପର୍ଯ୍ୟଟକମାନେ ଭଲ ଭାବରେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ସେଠାରେ ଥିବା ଟାଇଗର ହିଲରୁ ଆପଣ କଞ୍ଚନଜଙ୍ଘା ପର୍ବତର ଶୀର୍ଷରୁ ସୁର୍ଯ୍ୟୋଦୟର ବିସ୍ମୟକର ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ସହିତ ବରଫର ବଦଳୁଥିବା ରଙ୍ଗ ମଧ୍ୟ ଆପଣ ଉପଭୋଗ କରିପାରିବେ । ଆପଣ ଦାର୍ଜିଲିଂରୁ ସ୍ଥାନୀୟ ହସ୍ତ କଳା, ବିଭିନ୍ନ ସଂସ୍କୃତିର ପୋଷାକ, ବୌଦ୍ଧ କଳାକୃତି ଓ ତିବ୍ବତୀ କର୍ଲିନ୍ ଇତ୍ୟାଦି କିଣିପାରିବେ । ଏହା ବ୍ୟତୀତ ଦାର୍ଜିଲିଂର ଚା ଓ ହିମାଳୟନ ମହୁ ମଧ୍ୟ ପ୍ରସିଦ୍ଧ । ଦାର୍ଜିଲିଂରେ ବୁଲିବା ପାଇଁ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି ।



ସେଥିପାଇଁ ଅତିକମରେ ପାଞ୍ଚ ଦିନର ଏକ ଟୁରର ଯୋଜନା ପ୍ରସ୍ତୁତ କରିବା ଉଚିତ । ପ୍ରଥମ ଦିନରେ ଗାଇଡ୍ ଆପଣଙ୍କୁ ମିରିକ୍, ପଶୁପତିନଗର ବା ନେପାଳର ସୀମା ଦେଖାଇବେ । ତୃତୀୟଦିନରେ ୭ଟି ପଏଣ୍ଟର ଦେଖାଇବେ । ଏହି ସମୟରେ ହିମାଳୟନ ପର୍ବତାରୋହଣ ସଂସ୍ଥାନ ଓ ପ୍ରାଣୀ ଉଦ୍ୟାନ, ରୋପେୱେ, ତେନଜିଙ୍ଗ ରକ୍ ରରକ୍, ରୟାବିଲା ଇତ୍ୟାଦି ଅନେକ ସ୍ଥାନ ଦେଖାଇବେ । ଚତୁର୍ଥ ଦିନରେ ପାଞ୍ଚଟି ପଏଣ୍ଟ ବୁଲେଇବା ସହିତ ଜାପାନୀ ମନ୍ଦିର, ଲାଲ କୋଠୀ, ଅବା ଆର୍ଟ ଗ୍ୟାଲେରୀ, ଧୀରଧାମ ମନ୍ଦିର ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଇତ୍ୟାଦି ଦେଖାଇବେ । ଶେଷ ଦିନରେ ରକ୍ ଗାର୍ଡ଼େନ , ଗଙ୍ଗାମାୟା ପାର୍କ ଇତ୍ୟାଦିର ଟୁର୍ କରାଇଥାନ୍ତି ।



### କିପରି ଯିବେ :

ଦାର୍ଜିଲିଂର ନିକଟତମ ଏୟାରପୋର୍ଟ ହେଉଛି ବାଗଡୋଗରା । ଯାହା ଦାର୍ଜିଲିଂ ଠାରୁ ୮୮କିମି ଦୂର ଏୟାରପୋର୍ଟରୁ ତିନି ଘଣ୍ଟାର ଯାତ୍ରା ପରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ଏହି ଏୟାରପୋର୍ଟ ଦେଶର ମେଟ୍ରୋ ସହରର ଏୟାରପୋର୍ଟ ସହିତ ଯୋଡ଼ା ଯାଇଛି । ନ୍ୟୁ ଜଲପାଇଗୁଡ଼ି ଏହାର ନିକଟତମ ରେଲୱେଷ୍ଟେସନ ଓ ଦାର୍ଜିଲିଂରୁ ଏହା ୮୮ କିମି ମଧ୍ୟ ଦୂର । ଏହି ରେଲୱେ ଷ୍ଟେସନ ସବୁ ପ୍ରମୁଖ ସହର ସହିତ ଯୋଗାଯୋଗ ରହିଛି । ସେ ଠାରୁ ଅଢ଼େଇ ବା ତିନିଘଣ୍ଟା ମଧ୍ୟରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କ ପଥରେ ମଧ୍ୟ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କପଥରେ ମଧ୍ୟ ଦାର୍ଜିଲିଂରେ ପହଞ୍ଚିବାର ସୁବିଧା ରହିଛି ।

### କେବେ ଯିବେ:

ଦାର୍ଜିଲିଂ ବୁଲିବାକୁ ଚାହୁଁଥିଲେ ଆପଣ ବୈଶାଖରେ ଏପ୍ରିଲରୁ ଜୁନ୍, ମୌସୁମୀରେ ଜୁଲାଇକୁ ସେପ୍ଟମ୍ବର ଓ ଶୀତରେ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧ୍ୟରେ ଆସିପାରିବେ । ଏହି ସବୁ ମାସରେ ଦାର୍ଜିଲିଂର ସୌନ୍ଦର୍ଯ୍ୟକୁ ଅଧିକ ଉପଭୋଗ କରିପାରିବେ ।

## ନିଦରୁ ଉଠାଇବ ମୁଦି



ନିଦ ଭାଙ୍ଗିବା ନଦିମନ୍ତେ ଏବେ ବିଭିନ୍ନ ପ୍ରକାର ଆଧୁନିକ ଜ୍ଞାନ କୌଶଳ ବାହାରିଲାଣି । ହାଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଏହି ସୁନ୍ଦର ନିଦ ଭାଙ୍ଗବା ମୁଦି ତିଆରି କରିଥିବାର ଜଣାପଡ଼ିଛି । ଆମେରିକାର କେତେକ ଗହଣା ଦୋକାନରେ ଏହି ଆଲାମ ମୁଦି ବିକ୍ରି ହେବା ଆରମ୍ଭ ହୋଇଛି । ମୁଦିଟି ଆଲାର୍ମ ଦିଆହୋଇଥିବା ନିର୍ଦ୍ଦିଷ୍ଟ ସମୟରେ ଆଙ୍ଗୁଳି ଜୋର ଥରିଥାଏ । ୧୫ମିନିଟ୍ ଜଣେ ବ୍ୟକ୍ତି ଅନବରତ କଥା ହେବା ପରେ ମୁଦିଟି ଥରିବା ବନ୍ଦ ହୁଏ । ଗବେଷକଙ୍କ ମତରେ, ଏହା କୌଣସି ଶାରୀରିକ କ୍ଷତି ପହଞ୍ଚାଇବ ନାହିଁ । ଅବଶ୍ୟ ହୃଦରୋଗୀମାନେ ଏହି ମୁଦି ନ ପିନ୍ଧିବା ପାଇଁ ପରାମର୍ଶ ଦିଆହୋଇଛି । ଜଣେ ବ୍ୟକ୍ତି ନିଜ ବରାଦ ମୁତାବକ ରୁପା, ସୁନା କିମ୍ବା ପ୍ଲାଟିନମ ଧାତୁରେ ଏହି ମୁଦି ଦୋକାନରୁ କିଣିପାରିବ । ଅଧିକାଂଶ ଲୋକ ସୁନା ଆଲାମ ମୁଦି କିଣୁଛନ୍ତି ।



## ଛାୟାପଥରେ ୨୮ ବିରଳ ନକ୍ଷତ୍ର

ଅନ୍ତରୀକ୍ଷରେ ତାରକାମାନଙ୍କ ସଂରଚନା କ୍ଷେତ୍ରରେ ନୈନିତାଲସ୍ଥିତ ଆର୍ଯ୍ୟଭଟ୍ଟ ଗବେଷଣା ପ୍ରତିଷ୍ଠାନର ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ଏକ ଦୁର୍ଲ୍ଲଭ ଉପଲବ୍ଧି ହାସଲ ହୋଇଛି । ଏମାନଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଆକାଶ ଗଙ୍ଗା । ଛାୟାପଥରେ ଅଠେଇଶଟି ବିରଳ ନକ୍ଷତ୍ର ଆବିଷ୍କୃତ ହୋଇଛି । ଏଗୁଡ଼ିକର ଉଜ୍ଜ୍ୱଳ ଆଲୋକ ସବୁବେଳେ ବଦଳୁଛି । ଯାହା ଏହି ତାରକାଗୁଡ଼ିକର ପ୍ରମୁଖ ବିଶେଷତ୍ୱ । ମହାକାଶର 'ଏନଜିଟି ୪୧୪୭' ତାରାପୁଞ୍ଜରେ ଏହି ପରିବର୍ତ୍ତନଶୀଳ ତାରକାଗୁଡ଼ିକ ଠାବ ହୋଇଥିବା ପ୍ରକାଶ । ଏହି ଆବିଷ୍କାର ଦ୍ୱାରା ତାରାପୁଞ୍ଜର ସଂରଚନା ଏବଂ ଅଧିକ ନୂଆ ତଥ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଗବେଷକ ଜ୍ୟୋତିର୍ବିଜ୍ଞାନୀ ମାନେ କହିଛନ୍ତି ।

## ବିଶ୍ୱର ସବୁଠାରୁ ଟାଣୁଆ ଅଠା




ଜର୍ମାନ୍ ଉଦ୍ୟୋଗ 'ଡେଲୋ'ର ବିଶେଷଜ୍ଞମାନେ ବିଶ୍ୱର ସବୁଠାରୁ ଟାଣୁଆ ଅଠା ତିଆରି କରିଛନ୍ତି । ଏହା ଟାଣୁଆ ଅଠା ତିଆରି କରିଛନ୍ତି । ଏହା ମାଧ୍ୟମରେ ସତର ଟନ୍ ଓଜନର ଟ୍ରକ୍ ଶୂନ୍ୟରେ ଝୁଲିପାରିଛି । 'ଗିନିଜ ବୁକ' କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅଠା ବ୍ୟବହାର କରି ଏକ କ୍ରେନ୍ ସାହାଯ୍ୟରେ ଟ୍ରକ୍‌ଟିକୁ ସାହାଯ୍ୟରେ ଝୁଲାଯାଇଥିଲା । କ୍ରେନରୁ ଝୁଲୁଥିବା ମୋଟା ତାରଗୁଡ଼ିକ ଅଠା ଦ୍ୱାରା ଟ୍ରକ୍ ସହ ସଂଯୁକ୍ତ । ଏଥିପାଇଁ ଲାଗିଥିଲା ମାତ୍ର ତିନି ଗ୍ରାମ ଓଜନର ଅଠା 'ଗିନିଜ ବୁକ୍' ପକ୍ଷରୁ ଏହାକୁ ଏକ ରେକର୍ଡର ମାନ୍ୟତା ଦିଆଯାଇଛି ଏହି ଚମତ୍କାରୀ ଅଠାକୁ 'ଡୋଲେ ମୋନୋପକସ' ଭାବେ ନାମିତ କରାଯାଇଛି । 'ଇପୋକସି ରେଜିନ' ଏହି ଅଠାର ମୁଖ୍ୟ ଉପାଦାନ । ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହୋଇଛି । ଏହାକୁ ନିକଟ ଭବିଷ୍ୟତରେ ମୋଟର ଯାନ ତିଆରି ଶିଳ୍ପରେ ବ୍ୟବହାର କରାଯିବା ଏଥିପାଇଁ ଆବଶ୍ୟକୀୟ ପରୀକ୍ଷା - ନିରୀକ୍ଷା ସରିଛି ।

## ମିଠା ବିସ୍କୁଟଠାରୁ ଦୂରେଇ ରୁହନ୍ତୁ

ଆଜିକାଲି ବଜାରରେ ବିଭିନ୍ନ ନାମୀ କମ୍ପାନୀର ଭିନ୍ନଭିନ୍ନ ସ୍ୱାଦର ବିସ୍କୁଟମାନ ଉପଲବ୍ଧ ହେଉଛି। ଲୁଣି, ମିଠା, ଖଟା-ମିଠା, ସାମାନ୍ୟ ଭାଗ ସ୍ୱାଦର ବିସ୍କୁଟ ବଜାରରେ ମିଳୁଛି । ଏ ଦିଗରେ ଖାଦ୍ୟ ବିଶେଷଜ୍ଞଙ୍କ ମତ ହେଉଛି ମିଠା ସୁଆଦର ବିସ୍କୁଟ ସ୍ୱାସ୍ଥ୍ୟ ଖୁବ୍ କ୍ଷତିକାରକ । ଦିନକୁ ୫-୬ ଟିରୁ ଅଧିକ ମିଠା ବିସ୍କୁଟ ଖାଇବା ହାନିକାରକ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ମିଠା ବିସ୍କୁଟରେ ଥିବା ଟ୍ରାନ୍ସଫ୍ୟାଟ୍ ଆମ ସ୍ମୃତିଶକ୍ତି ପ୍ରଭାବିତ ହୋଇଥାଏ ନିୟମିତ ଭାବେ ଏଇ ବିସ୍କୁଟ୍ ଖାଉଥିଲେ ଏ ଅଭ୍ୟାସକୁ ବନ୍ଦ କରନ୍ତୁ । ଅଧିକ ମିଠା ବିସ୍କୁଟ ଏହା ଖାଇଲେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଥାଏ । ବୋଲି ବିଶେଷଜ୍ଞଙ୍କ ମତ। ଶରୀରର ପୋଷକତ୍ତ୍ୱ ମଧ୍ୟ ଏହା କାରଣରୁ ପ୍ରଭାବିତ ହୋଇଥାଏ । ଏଇ ବିସ୍କୁଟରେ ଥିବା ଫ୍ୟାଟ୍ସ କାରଣରୁ ଶରୀରର ମେଦ ମଧ୍ୟ ବଢ଼େ । ହୃଦରୋଗୀମାନେ ମିଠା ବିସ୍କୁଟ୍ ନଖାଇବା ଭଲ ।



## ସପୁରିରେ ସୌନ୍ଦର୍ଯ୍ୟଚର୍ଚ୍ଚା






**ସପୁରି ଫଳଟି ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ, ଏହା ଆମ ସୌନ୍ଦର୍ଯ୍ୟ ରକ୍ଷା ଦିଗରେ ସହାୟକ ହୋଇଥାଏ । ନିୟମିତ ଭାବେ ଏହାକୁ ଖାଦ୍ୟ ଭାବରେ ବ୍ୟବହାର କଲେ ବହୁ ସୁଫଳ ମିଳିଥାଏ ।**

- ସପୁରି ରସ ଏକ ଉତ୍ତମ କ୍ଲିନଜର ପରି କାମ କରେ ଦୈନିକ ଏଇ ରସକୁ ତୁଳାରେ ତ୍ୱଚାକୁ ପୋଛିଲେ ବ୍ରଣ ଦାଗ ଶୀଘ୍ର ଦୂର ହୋଇଥାଏ ।
- ବେସନ ଅଧ ଚାମଚରେ ସପୁରୀ ରସ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ଶୁଖିବା ପରେ ଧୋଇନେବେ । ଏଇ ପ୍ୟାକ୍ ରଙ୍ଗ ସଫା ହେବାରେ ସହାୟକ ।
- ସୁସ୍ଥ ତ୍ୱଚା ପାଇଁ ଆବଶ୍ୟକ କୋଲେଜନ ସପୁରିରେ ପ୍ରଚୁର ପରିମାଣରେ ଥାଏ । ଏଣୁ ଏହାକୁ ତ୍ୱଚାରେ ଲଗାଇବା ସହ ପିଇବା ମଧ୍ୟ ହିତକାରୀ ।
- ବ୍ରଣ ସମସ୍ୟାରୁ ମୁକ୍ତି ପାଇବା ନିମନ୍ତେ ଚିମୁଟାଏ ହଳଦୀରେ ସପୁରୀ ରସ ମିଶାଇ ତାହାକୁ ଲଗାନ୍ତୁ ୧ ସପ୍ତାହ ମଧ୍ୟରେ ବ୍ରଣ କମ ହୋଇଯିବ ।
- ଓଠର କଳାଦାଗ ଦୂର କରିବାକୁ ଚାହୁଁଥିଲେ, ନିୟମିତ ସପୁରି ରସ ଲଗାଇଲେ ତାହାର ପ୍ରଭାବ ୧ମାସ ମଧ୍ୟରେ ଜାଣିପାରିବେ ।

## ଡେନିମ୍ ଜ୍ୟାକେଟ

**ଡେନିମ୍ ଜ୍ୟାକେଟକୁ ମହିଳାମାନେ ସାଧାରଣତଃ ଥଣ୍ଡା ଦିନରେ ପିନ୍ଧିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହି ଜ୍ୟାକେଟକୁ କୌଣସି ଋତୁରେ ମଧ୍ୟ ଆପଣ ପିନ୍ଧିପାରିବେ । କାରଣ ଏହା ଆପଣଙ୍କୁ ପ୍ରତ୍ୟେକ ଷ୍ଟାଇଲ ସହିତ ମ୍ୟାଚ୍ କରି ଷ୍ଟାଇଲିସ୍ ଲୁକ୍ ଦେବ ।**





### ଡେନିମ୍ ସହିତ ଡେନିମ୍ :

କ୍ଲାସିକ୍ ଡେନିମ ଜ୍ୟାକେଟକୁ ଆପଣ ବଡ଼ି ହରିଙ୍ଗ୍ ଟପ୍ ଓ ମ୍ୟାଚିଙ୍ଗ୍ କଲରର ଡେନିମ ଜିନ୍ସ ସହିତ ପିନ୍ଧି ପାରିବେ । ଏହା ଆପଣଙ୍କ ଫିଗରକୁ ସୁନ୍ଦର ଲାଗିବ । ଯଦି ଆପଣଙ୍କ ଉଚ୍ଚତା କମ ଥାଏ ତେବେ ଏହି ଲୁକକୁ ହାଇହିଲସ ବା ହିଲସ ଥିବା ବୁଟ୍ ସହିତ ପିନ୍ଧନ୍ତୁ, ଏଥିରେ ଆପଣଙ୍କ ଉଚ୍ଚତା ଲମ୍ବା ଦେଖାଯିବ ।

### ସ୍କର୍ଟ ସହିତ ଡେନିମ୍:

ସର୍ଟ ପ୍ଲଟସବାଲା ସ୍କର୍ଟ ବା ଡେନିମ୍ ସ୍କର୍ଟ ପ୍ଲିଟସବାଲା ସ୍କର୍ଟ ବା ଟେନିମ୍ ସ୍କର୍ଟ ପିନ୍ଧନ୍ତୁ, ଏହା ସହିତ କଳା, ଧଳା ବା ଆପଣଙ୍କର କୌଣସି ପସନ୍ଦିତା ରଙ୍ଗର ଟପ୍ ପିନ୍ଧନ୍ତୁ । ଧ୍ୟାନ ରଖିବେ, ଆପଣଙ୍କ ଟପ୍ ଅଧିକ ଫ୍ରିଲବାଲା ଯେପରି ହୋଇ ନଥିବ ନ ହେଲେ ଏହି ଜ୍ୟାକେଟ୍ ସହିତ ଲୁକ୍ ଭଲ ଦେଖାଯିବ ନାହିଁ । ଏହି ଲୁକ୍ ସହିତ କାଜୁଆଲ ବୁଟ୍‌ସ ବା ସ୍ନିକରର୍ସ ପିନ୍ଧନ୍ତୁ ।

### ଓଭର ସାଇଜ ଜ୍ୟାକେଟ୍ ସହିତ ଡେନିମ :

ଡେନିମର ଷହନିମର୍ ଓଭର ସାଇଜ ଜ୍ୟାକେଟ୍ ଆପଣଙ୍କୁ ଭିତରେ କୌଣସି ପ୍ରକାରର ଟପ୍ ବା ଲେୟର ପିନ୍ଧିବାକୁ ଅପସନ ଦେଉଛି । ଯଦି ଆପଣ ଫ୍ରିଲ ବା ଲେୟର୍ସବାଲା ଟପ୍ ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ତାର ଲୁକ୍‌କୁ ଖରାପ କରିବ ନାହିଁ ।

### ଡ୍ରେସ୍ ସହିତ ଡେନିମ୍:

ଲଙ୍ଗ ଡ୍ରେସ୍ ବା ସର୍ଟ ଡ୍ରେସ୍ ଡେନିମ ଜ୍ୟାକେଟ୍ ଦୁଇଟି ପ୍ରକାରର ଡ୍ରେସ୍ ସହିତ ସୁନ୍ଦର ଲାଗିବ । କିନ୍ତୁ ଏହା ପାର୍ଟି ଡ୍ରେସ୍ ପାଇଁ ନୁହେଁ କାଜୁଆଲ ବା ସମର ଡ୍ରେସ୍ ସହିତ ଡେନିମ ଜ୍ୟାକେଟ୍ ବହୁତ ସୁନ୍ଦର ଦେଖାଯିବ । ଆପଣ ଚାହିଁଲେ ନର୍ମାଲ ବା ସର୍ଟ ଷ୍ଟାଇଲର ଜ୍ୟାକେଟ୍ ମଧ୍ୟ ନେଇ ପାରିବେ ।

## କୁନି ପିଲାଙ୍କ ଉତ୍ସୁକତା

ପରିସ୍ଥିତି ଯେତେ ଗମ୍ଭୀର ଥାଉ ନା କାହିଁକି, ଛୋଟ ପିଲାର ମନଖୋଲା ହସ ଓ ତା ଦରୋଟି କଥାରେ ପୂରା ପରିବେଶ ବଦଳାଇ ହୋଇଥାଏ । ନିକଟରେ ନରଫ୍ଲକ୍ ବିଶ୍ୱବିଦ୍ୟାଳୟର ଗବେଷକ ସମୂହ ୨ବର୍ଷରୁ ୬ବର୍ଷ ବୟସର ୧୯ହଜାର ପିଲାଙ୍କୁ ନେଇ ଗବେଷଣା କରିଥିଲେ । ନିର୍ମଳ ହୃଦୟର ଏଇ ପିଲାଏ ଗବେଷକଙ୍କ ସହ ଖୁବ୍ ଶୀଘ୍ର ମିଶିଯାଇଥିଲେ । ଏହି କୁନିପିଲାମାନଙ୍କ ଅଜ୍ଞାତରେ ସେମାନଙ୍କ ଗତିବିଧିକୁ ପାଖାପାଖି ମାସେ ଅନୁଧ୍ୟାନ କରାଗଲା । ୧୧ମାସର ଦୀର୍ଘ ଅନୁଧ୍ୟାନ ପରେ ଗବେଷକ ମୁଖ୍ୟ ପ୍ରକାଶ କରିଛନ୍ତି, ୪ବର୍ଷର ହେବା ପରେ ପିଲାମାନେ ନିଜ ଅଭିଭାବକଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିପକାନ୍ତି । ଏଇ ବୟସର ପିଲାମାନେ ଦିନକୁ ଅତି କମରେ ୪୦୦-୫୦୦ ପ୍ରଶ୍ନ ପଚାରୁଥିବା ବେଳେ ଯଥୋଚିତ ଉତ୍ତର ନ ଶୁଣିବା ପର୍ଯ୍ୟନ୍ତ ସେମାନେ ବାରମ୍ବାର ସେହି ପ୍ରଶ୍ନ ଦୋହରାଇଥାନ୍ତି। ମନସ୍ତତ୍ତ୍ୱବିତଙ୍କ ମତରେ ଏସବୁରେ ସକ୍ରିୟ ରହୁଥିବା । ପିଲାଏ ଭବିଷ୍ୟତରେ ସଫଳ ହୋଇଥିବାର ଦେଖାଯାଏ । ଏଣୁ ପିଲାଙ୍କ ଅଧିକ କିମ୍ବା ଅଯଥା ପ୍ରଶ୍ନରେ ବ୍ୟତିବ୍ୟସ୍ତ କିମ୍ବା ଚିଡ଼ଚିଡ଼ି ନ ହୋଇ ବରଂ ଧୈର୍ଯ୍ୟର ସହ ସେସବୁର ଉତ୍ତର ଦେବାର ଅଭ୍ୟାସ କରନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆକାଂକ୍ଷିତ ସ୍ୱପ୍ନ...

ଏଇ ନିକଟରେ ସମ୍ବାଦ ପ୍ରକାଶ ପାଇଥିଲା ଯେ ଭାରତ ଯୁକ୍ତରାଜ୍ୟକୁ ପଛରେ ପକାଇ ବିଶ୍ୱର ପଂଚମ ବୃହତ୍ତମ ଅର୍ଥନୀତି ପାଲଟି ଯାଇଛି। ଦେଶର ସାଧାରଣ ଲୋକଙ୍କର ହେଉ କି ନହେଉ, ସରକାରଙ୍କ ଉନ୍ନତି ରୂପକ ସ୍ୱପ୍ନର ଟୋପିରେ ଯେ ଏହା ଗୋଟିଏ ବହୁ ଆକାଂକ୍ଷିତ ପର ଖଂଜି ଦେଇଛି, ଏଥିରେ କ୍ୱଚିତ୍ କେହି ଦ୍ୱିମତ ହେବେ। କିନ୍ତୁ ସ୍ୱପ୍ନ ଗୋଟିଏ କଥା କହୁଥିଲା ବେଳେ ବାସ୍ତବତା କହୁଛି କିଛି ଭିନ୍ନ କଥା। ବାସ୍ତବତା ଦର୍ଶାଇଛି ଯେ ବିଶ୍ୱ ବିକାଶ ସୂଚକାଙ୍କ ଗୁଡ଼ିକରେ ଭାରତର ପ୍ରଦର୍ଶନ ନିରାଶାଜନକ ହେବା ବଜାୟ ରହିଛି। ନିକଟରେ ପ୍ରକାଶିତ ମାନବ ବିକାଶ ସୂଚକାଙ୍କରେ ଏହା ଦୁଇଗୋଟି ସ୍ଥାନ ତଳକୁ ଖସିଛି; ଯାହାକୁ ସାମୂହିକ କଲ୍ୟାଣର ପ୍ରମୁଖ ଦିଗଗୁଡ଼ିକରେ ସଫଳତାର ଏକ ପଦକ୍ଷେପ ଭାବରେ ଗ୍ରହଣ କରାଯାଇଥାଏ। ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ସଂକଳିତ ମାନବ ବିକାଶ ରିପୋର୍ଟ ୨୦୨୧/୨୦୨୨ରେ ଭାରତ ୧୯୧ଟି ଦେଶଙ୍କ ତାଲିକାରେ ରହିଛି ୧୩୨ ତମ ସ୍ଥାନରେ। ସୂଚନାଯୋଗ୍ୟ ଯେ ୨୦୨୦ରେ ଭାରତ ୧୮୯ ଦେଶଙ୍କ ଭିତରେ ରହିଥିଲା ୧୩୦ ତମ ସ୍ଥାନରେ। ଚିନ୍ତାଜନକ ବିଷୟ ହେଉଛି, ଏହା ଏଚଡିଆଇରେ ମଧ୍ୟ ଏହା ଧୀରେ ଧୀରେ ତଳକୁ ତଳକୁ ଯାଉଥିବା ଅବସ୍ଥାକୁ ପରିଲକ୍ଷିତ କରିଛି। ଏଚ୍‌ଡିଆଇ ଏକ ଯୌଗିକ ସୂଚକାଙ୍କ ଯାହା ଲଗାତାର ଦୁଇ ବର୍ଷରୁ ଅଧିକ ସମୟ ଧରି ଜୀବନର ଆୟୁ, ସ୍କୁଲ ଯିବାର ଆଶା କରାଯାଉଥିବା ଏବଂ ସର୍ବନିମ୍ନ ବୟସ ଏବଂ ମୁଣ୍ଡପିଛା ଆୟ ଭଳି ମାପଦଣ୍ଡଗୁଡ଼ିକ କ୍ଷେତ୍ରରେ ଏକ ଦେଶର ହାରାହାରି ଉପଲବ୍ଧିକୁ ମାପ କରିଥାଏ। ଭାରତର ସାମ୍ପ୍ରତିକ ଏଚ୍‌ଡିଆଇ ମୂଲ୍ୟ ହେଉଛି ୦.୬୩୩, ଯାହା ଉଲ୍ଲେଖନୀୟ ଭାବରେ ବିଶ୍ୱ ହାରାହାରି ୦.୭୩୨ଠାରୁ ଢେର୍ କମ୍।

ଏତିକି କଥା ସତେ ଯେମିତି ଭାରତ ପାଇଁ ଯଥେଷ୍ଟ ନଥିଲା, ତା'ଠୁ ଆହୁରି ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି ଯେତେବେଳେ ଏହା ସମସ୍ତ ଚାରିଗୋଟିଯାକ ମାପଦଣ୍ଡରେ ବିଶ୍ୱ ହାରାହାରିର ରହିଛି ପଛ ଧାଡ଼ିରେ; ଭାରତର ପଡ଼ୋଶୀ ବାଂଲାଦେଶ, ଭୁଟାନ୍, ଚୀନ୍ ଏବଂ ଶ୍ରୀଲଙ୍କା ଏ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଚମକପ୍ରଦ କଥା ହେଉଛି, ଭାରତର ଏପରି ଦୟନୀୟ ପ୍ରଦର୍ଶନ ସମଗ୍ର ଦକ୍ଷିଣ ଏସୀୟ ଅଂଚଳକୁ ମାନବ ବିକାଶ କ୍ଷେତ୍ରରେ ନିମ୍ନକୁ ଟାଣି ଆଣିଛି। ଏହି ଅଂଚଳ ୨୦୨୧ରେ ମଧ୍ୟ ଏଚ୍‌ଡିଆଇ ମୂଲ୍ୟଗୁଡ଼ିକରେ ଦ୍ରୁତ ନିମ୍ନଗତି ପରିଲକ୍ଷିତ କରିଥିଲା। ଏକଥା ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ଏଭଳି ପ୍ରଦର୍ଶନ ବୈଶ୍ୱିକ ଧାରା ସହିତ ନିରନ୍ତର ଭାବରେ ସମାନ ଗତି ବଜାୟ ରଖି ଆସିଛି; ସର୍ଭେର ପରିସରଭୁକ୍ତ ସମସ୍ତ ଦେଶଙ୍କ ମଧ୍ୟରୁ ୯୦ ପ୍ରତିଶତ ସୂଚକାଙ୍କର ନିମ୍ନ ଗତି ଆପଣାଇଥିବା ଦେଖିବାକୁ ମିଳିଛି। ବସ୍ତୁତଃ, ୧୯୯୦ ଦଶକରେ ଯେତେବେଳେ ମାନବ ବିକାଶ ସୂଚକାଙ୍କ ଗଠିତ ହୋଇଥିଲା, ତା' ପରଠାରୁ ପ୍ରଥମ ଥର ପାଇଁ ବୈଶ୍ୱିକ ଏଚ୍‌ଡିଆଇ ମୂଲ୍ୟ ଲଗାତାର ଦୁଇବର୍ଷ ଧରି କମିଛି। ଏହାର କାରଣ ଭାବରେ ନିଆଯାଇଛି କୋଭିଡ୍-୧୯ ମହାମାରୀ ଏବଂ ୟୁକ୍ରେନ୍ ଯୁଦ୍ଧକୁ। ଗୋଟିଏ ପଟେ ମହାମାରୀ ସମଗ୍ର ବିଶ୍ୱର ଦ୍ୱିଶତାଧିକ ରାଷ୍ଟ୍ରଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିବାବେଳେ ଅପରପକ୍ଷରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ଏବଂ ଏଥିରୁ ରୁଷିଆକୁ ନିବର୍ତ୍ତାଇବାକୁ ତା' ଉପରେ ବିଶ୍ୱର ଅନେକ ରାଷ୍ଟ୍ର, ବିଶେଷକରି ପାଶ୍ଚାତ୍ୟ ରାଷ୍ଟ୍ରମାନେ ଅର୍ଥନୀତିକ କଟକଣା ସମେତ ଅନ୍ୟାନ୍ୟ କଟକଣା ଜାରି କରିବା ଅନେକ ଭାଗରେ ଅତ୍ୟାବଶକୀୟ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ଖାଦ୍ୟ ସଂକଟ ପର୍ଯ୍ୟନ୍ତ ଅନେକ ସମସ୍ୟା ସୃଷ୍ଟି କରିଛି। ଏହି ନିମ୍ନାବସ୍ଥା ଦୁଇଗୋଟି ଚିନ୍ତା ଉଦ୍ରେକ କରାଇବା ଦିଗରେ ପଥ କଢ଼ାଇ ନେଇଛି: ପ୍ରଥମେ, ଜାତିସଂଘ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପରିପୋଷଣୀୟ ବିକାଶ ଲକ୍ଷ୍ୟକୁ ହାସଲ କରିବାପାଇଁ ଲାଭ କରାଯାଇଥିବା ଗତି ବିପରୀତ ଦଶା ଭୋଗିଛି; ଏବଂ ଦ୍ୱିତୀୟରେ, ରିପୋର୍ଟ ଉଲ୍ଲେଖ କରିଛି ଯେ ଅସମାନତାର ପ୍ରସାରଣ ଏବଂ ଏକ ଧ୍ରୁବୀକରଣ ରାଜନୀତିକ ନୀତି ଭଳି ପରସ୍ପରକୁ ଛେଦ କରୁଥିବା ଉପାଦାନଗୁଡ଼ିକ କାରଣରୁ ଅର୍ଥନୀତି ଗୁଡ଼ିକ ଏକ 'ନୂଆ ଅନିଶ୍ଚିତ ମନୋଭାବ'ର ସାମନା କରୁଛନ୍ତି।

## ବିଜେପିର ଓଡ଼ିଶା ସ୍ୱପ୍ନ



ପ୍ରଦ୍ୟୋତ କୁମାର ବିଶୋଇ

ଆସନ୍ତା ୨୦୨୪ ନିର୍ବାଚନରେ ବିଜେପି ଓଡ଼ିଶାରେ ୧୬ଟି ଲୋକସଭା ଆସନ ପାଇବ ବୋଲି ଏବେଠୁ ସ୍ୱପ୍ନ ଦେଖିବାରେ ଲାଗିଛି। ଏବେ ବିଜେପିର ଓଡ଼ିଶାରୁ ଲୋକସଭାରେ ଯେତିକି ସଦସ୍ୟ ଅଛନ୍ତି ତାହା ୧୬ ନହୋଇ ୧କୁ ଖସିଆସିବ ବୋଲି ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ବୋଲି ଖବର କାଗଜରେ ପ୍ରକାଶ ପାଇଛି। ଜଣେ ବରିଷ୍ଠ ନାଗରିକ ଭାବେ ଏବଂ ରାଜନୀତି ସମ୍ପର୍କରେ ମୋର ଯେଉଁ କିଛି ଧାରଣା ରହିଛି ସେଥିରୁ ଦାମ ବାବୁଙ୍କ ବକ୍ତବ୍ୟ ମୋତେ ଠିକ୍ ଲାଗୁଛି। କାରଣ କିଛିଦିନ ତଳେ ମୋବାଇଲରେ ଟାଇମସ୍ ଅଫ ଇଣ୍ଡିଆ ନ୍ୟୁଜରେ ଗୋଟିଏ ଧାଡ଼ି ସମ୍ବାଦ ଦେଖିଥିଲି। ତାହା ଥିଲା "ବିଗତ ଦିନର କଂଗ୍ରେସ ହାଇକମାଣ୍ଡ ଓ ଏବେର ବିଜେପିର ହାଇକମାଣ୍ଡ"। ଏ ସମ୍ପର୍କରେ ଆଉ ବିଶେଷ ସମ୍ବାଦ ମୋବାଇଲରେ ପାଇଲି ନାହିଁ। ମୁଁ ଭାବୁଛି ଏହି ଲେଖାଟିର ନିଷ୍କର୍ଷ ହେଉଛି କଂଗ୍ରେସ ହାଇକମାଣ୍ଡ କଂଗ୍ରେସକୁ ଯେଉଁ ସ୍ତରରେ ଆଣି ପହଞ୍ଚାଇ ଦେଇଛି ବିଜେପି ହାଇକମାଣ୍ଡ ବିଜେପିକୁ ଯେ ସେହି ସ୍ତରକୁ ନେଇନଯିବ କିଏ କହିବ? ଏହି ହାଇକମାଣ୍ଡ କଥା ଚିନ୍ତା କଲାବେଳେ ଓଡ଼ିଶା କଥା ବିଚାରକୁ ନିଆଯାଉ। କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ଓଡ଼ିଶାରୁ ୩ ଜଣଙ୍କୁ ନିଆଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ହାଇକମାଣ୍ଡ କହିବେ କି ଏହି ୩ ଜଣଙ୍କ ମଧ୍ୟରୁ କେତେ ଜଣ ରାଜ୍ୟବାସୀଙ୍କ ସିଧାସଳଖ ଭୋଟରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି ଓ ରାଜ୍ୟବାସୀ ବିଜେପିର କେତେ ଜଣଙ୍କୁ ସିଧା ସଳଖ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି। ଓଡ଼ିଶାବାସୀ ଯେଉଁମାନଙ୍କୁ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି ସେମାନେ କ'ଣ ମନ୍ତ୍ରୀ ହେବା ପାଇଁ ଅଯୋଗ୍ୟ? ରାଜ୍ୟବାସୀଙ୍କ ଭୋଟର କ'ଣ କିଛି ମୂଲ୍ୟ ନାହିଁ? ଯଦି ରେଳବାୟୀ ମନ୍ତ୍ରୀ ଓଡ଼ିଶାର ତେବେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପାଇଁ କିଏ? ସେ ତ ୬ ବର୍ଷ କାଳ ବିହାରର ସେବା କଲେ ଏବେ ମଧ୍ୟପ୍ରଦେଶର ସେବା କରୁଛନ୍ତି ତେବେ ସେ ଓଡ଼ିଶାର ହେଲେ କେମିତି?

ଆମେ ଯାହା ଖବର କାଗଜରେ ପଢ଼ିଛୁ, କଂଗ୍ରେସ ହାଇକମାଣ୍ଡ ତୋଷାମଦ ଦ୍ୱାରା ରାଜ୍ୟଗୁଡ଼ିକୁ ପରିଚାଳନା କରୁଥିଲେ "ଲୋକଙ୍କ ଭୋଟର ମୂଲ୍ୟ କିଛି ସେମାନେ ଦେଖିପାରୁନଥିଲେ। ଯାହାର ଫଳ ହେଉଛି ଆଜିର କଂଗ୍ରେସର ଏ ଅବସ୍ଥା। ଏବେ ଓଡ଼ିଶା କଥା ଆଲୋଚନା କଲେ ସେଥିରୁ ବିଜେପି ହାଇକମାଣ୍ଡ ଯେପରି କଂଗ୍ରେସ ହାଇକମାଣ୍ଡ ଗୁଳାରେ ପଡ଼ିଯାଇଥିବା ପରି ଲାଗୁଛି। ଉତ୍ତର ପ୍ରଦେଶ ନିର୍ବାଚନରେ କାହାରି କୌଶଳ ନୁହେଁ ଯୋଗୀ ଆଦିତ୍ୟ ନାଥଙ୍କ ବ୍ୟକ୍ତିତ୍ୱ ହିଁ ବିଜେପିକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଯଦି କୌଶଳ କାମ କରୁଛି ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ କଣ ହେଲା। ଆମ ପ୍ରଧାନମନ୍ତ୍ରୀ କହିଁକି ଲୋକହସା ହେଲେ। ବିଜେପି ଓଡ଼ିଶାରେ ତାଙ୍କ ଦଳର ବିକାଶ କରିବାକୁ ଚାହିଁଲେ ରାଜ୍ୟବାସୀଙ୍କ ଭୋଟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ରାଜ୍ୟରେ ତାଙ୍କ ଦଳ ପ୍ରକୃତ ଲୋକପ୍ରିୟ ନେତା କିଏ ଲୋକେ କାହାକୁ ମୁଖ୍ୟମନ୍ତ୍ରୀ ହେବା ଚାହାଁନ୍ତି, ତାହା ଟିକିନିଖି ତର୍ଜମା କରି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ଆବଶ୍ୟକ ଯେପରି ବିହାର ନିର୍ବାଚନ ପୂର୍ବରୁ ନିତିଶ କୁମାର ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେପି ଘୋଷଣା କରିଥିଲା। ତାହେଲେ ଫଳାଫଳ ଭଲ ହୋଇପାରେ। ଯଦି କଂଗ୍ରେସ ହାଇକମାଣ୍ଡଙ୍କ ପରି ତୋଷାମଦକୁ ଗ୍ରହଣ କରି ପ୍ରାର୍ଥୀ ଚୟନ କରାଯାଏ, ତାହା ବିଜେପି ପାଇଁ ଦିବା ସ୍ୱପ୍ନ ହୋଇ ରହିବ। ବିଜେଡ଼ିକୁ ସମୁଦ୍ରକୁ ଫୋପାଡ଼ି ଦେବୁ, ଡ଼ବଲ ଇଞ୍ଜିନ, ପୋଡ଼ା ଟ୍ରାନ୍ସଫରମର, ଏସବୁ କିଛି ମାନେ ନାହିଁ।

ଲୋକେ ଜାଣିଛନ୍ତି ବିଜେଡ଼ିକୁ ଭୋଟ ଦେଲେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ହାଇକମାଣ୍ଡଙ୍କୁ ଲୋକ ଭୋଟ ଦେବେ ନାହିଁ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦେଖି ଲୋକେ ଦଳକୁ ଭୋଟ ଦେଉଛନ୍ତି। ଉପରୁ ମୁଖ୍ୟମନ୍ତ୍ରୀ ଲଦିଦେବା ଆଉ ଲୋକେ ଚାହୁଁନାହାଁନ୍ତି। ଅବଶ୍ୟ ଏବେ ବିଜେଡ଼ି ସରକାର ପ୍ରତି ଲୋକଙ୍କର ବିମୁଖ ଭାବ ପ୍ରକାଶ ପାଉଛି। ଶାସନ ଥିବା ପରିକା ଲୋକ ଅନୁଭବ କରିପାରୁ ନାହାଁନ୍ତି। ମୋ ବସ୍, ମୋ ସାଇକେଲ, ମୋ ସରକାର ପରି ମୋ ଦୁର୍ନୀତି ରାଜ୍ୟର ଏତେ ବ୍ୟାପକ ହେଲାଣି ଯେ, ବିନା ଲାଞ୍ଚରେ କୌଣସି କାମ କରାଇବା ସମ୍ଭବ ହେଉନି। ଏପରି ତଳସ୍ତରର କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଖାତିର କରୁନାହାଁନ୍ତି କିମ୍ବା ଅଧିକାରୀମାନେ ତଳିଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାହସ କରିପାରୁ ନାହାଁନ୍ତି। ଏ ନେଇ ମୁଁ ନିଜେ ଭୋଗୁଥିବା ଗୋଟିଏ ଘଟଣାର ଉଦାହରଣ ଦେଉଛି। କାମାକ୍ଷାନଗର (ଜିଲ୍ଲା-ଢେଙ୍କାନାଳ) ସିନିୟର ସିଭିଲ ଜଜଙ୍କ ରାୟ ଅନୁସାରେ ମୋର ଜଣେ ସମ୍ପର୍କୀୟ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ପାଇବା କଥା ଓ ଅମିନ କମିଶନର ମଧ୍ୟ କେଉଁ କେଉଁ ପ୍ଲଟ ପାଇବେ ସେ ସମ୍ପର୍କରେ ରିପୋର୍ଟ ମଧ୍ୟ ଦେଇଛନ୍ତି। ସିଭିଲ ଜଜଙ୍କ ରାୟ ଅମିନ କମିଶନରଙ୍କ ରିପୋର୍ଟ ଭୁବନ (ଢେଙ୍କାନାଳ) ତହସିଲଦାରଙ୍କ ନିକଟରେ ଗତ ଦୁଇବର୍ଷରୁ ଅଧିକ କାଳ ହେଲା ଦାଖଲ କରାଯାଇଛି। ତାଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏବଂ ମୁଖ୍ୟମନ୍ତ୍ରୀ, ରାଜସ୍ୱ ସଚିବ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ପରେ ମଧ ପଟ୍ଟା ମିଳିପାରୁ ନାହିଁ। ଗତ ୩୦.୦୩.୨୦୨୨ରିଖରେ ଶେଷ ଥର ପାଇଁ କଟକ ଜିପିଓରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ରାଜସ୍ୱ ସଚିବ ୩.୬.୨୨ରେ ଭୁବନେଶ୍ୱର ଜିପିଓରୁ ରାଜସ୍ୱ ସଚିବଙ୍କୁ ଏବଂ ଜିଲ୍ଲାପାଳଙ୍କୁ ତାର ନକଲ ପଠାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିପାରି ନାହିଁ। ସାଧାରଣ ଜନତା ଏବେ ଏ ପ୍ରକାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ କିଛି ବିକଳ୍ପ ଚାହୁଁଛନ୍ତି। ଏହା ବିଜେଡ଼ି ପାଇଁ ଏକ ସତର୍କ ଘଣ୍ଟି ହୋଇଥିବା ବେଳେ ବିଜେପି ପାଇଁ ଏକ ସୁଯୋଗ। ତେଣୁ ତେଲ ମାଲିସ ଓ ହାତ ଚିକ୍କଣ ଠାରୁ ଦୂରେଇ ରହି ବିଜେପି ଆସନ୍ତା ନିର୍ବାଚନ ପୂର୍ବରୁ ଲୋକ ଚାହୁଁଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କଲେ ତାହାହେଲେ କିଛି ସମ୍ଭାବନା କଥା ଦେଇପାରେ। ନହେଲେ ବିଜେପିର ଏହି ଓଡ଼ିଶା ସ୍ୱପ୍ନ ଦେଖିବା ପାଇଁ ଆଉ ରାତି ନାହିଁ।


ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ,
ଜୟଦେବ ବିହାର
ମୋ : ୯୮୬୧୦୭୩୫୧୧


## ପରିବେଶ ଓ ସ୍ୱାସ୍ଥ୍ୟ ସଚେତନତା ଜରୁରୀ!

ପ୍ରଦୋଷ କୁମାର ଦାସ

ଓଡିଶାରେ ଡେଙ୍ଗୁ ଜ୍ୱର ଏବେ ବେକାବୁ ହେଲାଣି।ଗତବର୍ଷ ତୁଳନାରେ ଏବର୍ଷ ଡେଙ୍ଗୁ ଆକ୍ରନ୍ତଙ୍କ ସଂଖ୍ୟା ବଢି ବଢି ଚାଲିଛି। ଗତବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୧୫ ହଜାର ୧୯୪ ଟି ନମୁନା ପରୀକ୍ଷା ହୋଇଥିବା ବେଳେ ଏଥିରୁ ଶତକଡା ୨୪.୮ ଭାଗ ସଂକ୍ରମଣ ହାର( ଟିପିଆର) ରହିଥିଲା। ଚଳିତ ବର୍ଷ ଏହି ସେପଟ୍ମ୍ବର (ସରିବାକୁ ଆହୁରି ୧୦ ଦିନ ବାକି ରହିଛି) ସୁଦ୍ଧା ୨୬ ,୯୧୮ ଟି ନମୁନା ପରୀକ୍ଷା ହୋଇଥିବାବେଳେ ଏଥିରୁ ଶତକଡା ୧୩.୫ ଭାଗ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଚଳିତ ବର୍ଷର ଅଦ୍ୟାବଧି ମାତ୍ର ୯ ମାସ ମଧ୍ୟରେ ଆମ ରାଜ୍ୟରେ ୩ ହଜାର ଟପି ଖୁବ୍ ଶୀଘ୍ର ଏହା ୪ ହଜାର ପାର କରିଯିବା ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ବ୍ୟକ୍ତ କରାଗଲାଣି। ଏଥିରେ ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଅନ୍ତର୍ଭୁକ୍ତ ରହିଥିବା ଖୋର୍ଦ୍ଧା ଜିଲ୍ଲା ଡେଙ୍ଗୁ ସଂକ୍ରମଣ ପ୍ରବଣତାରେ ସର୍ବାଧିକ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାଯାଇଛି। ଏହା ପଛକୁ ପଛ ଡେଙ୍ଗୁ ସଂକ୍ରମଣରେ ୨ ଶହରୁ ୩ ଶହ ଆଡକୁ ଅତିକ୍ରମ ହୋଇଚାଲିଥିବା କୋରାପୁଟ, ରାୟଗଡା,ମାଲକାନଗିରି ଜିଲ୍ଲାର ନାମ ଚର୍ଚ୍ଚାକୁ ଆସୁଛି। ପୁରୀରେ ଶତାଧିକ ସଂକ୍ରମିତ ଥିବାବେଳେ କଟକ ଜଗତସିଂହପୁର , ବାଲେଶ୍ୱର, ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମେ ବଢୁଛି। ଗତବର୍ଷ ଡେଙ୍ଗୁ ଜ୍ୱରରେ ପୀଡିତ ତଥା ବିଭିନ୍ନ ସମୟରେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଉଲ୍ଲେଖ ହୋଇଥିବାବେଳେ ସରକାରୀ ରିପୋର୍ଟରେ ଏବାବଦରେ ନୀରବ ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ଅନେକ କ୍ଷେତ୍ରରେ ସନ୍ଦିଗ୍ଧ ଡେଙ୍ଗୁ ଆକ୍ରାନ୍ତ ସରକାରୀ ତୁଳନାରେ ବେସରକାରୀ ଭାବେ କେତେକ ଘରୋଇ ଡାକ୍ତରଖାନାରେ ଡେଙ୍ଗୁ ପରୀକ୍ଷା କରାଇ ଆବଶ୍ୟକ ସ୍ଥଳେ ଚୁପଚାପ୍ ଔଷଧ ଖାଇନେଇ ଆପଣା ସ୍ୱାସ୍ଥ୍ୟ ନିରାପ ।କୁ ବିଶେଷ ଗୁରୁତ୍ୱ ଦେଉଥିବାରୁ ସଂକ୍ରମିତଙ୍କ ସ୍ଥାନୀୟ ଅଂଚଳକୁ ଠାବ ହୋଇପାରୁନାହିଁ କିମ୍ବା ଏଦିଗରେ ପ୍ରତିଶେଷଧକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇପାରୁନଥିବା ଆଲୋଚନା ହେଉଛି। ଏକ୍ଷେତ୍ରରେ ସ୍ଥାନୀୟ ଅନ୍ୟ ସନ୍ଦିଗ୍ଧ ସଂକ୍ରମିତଙ୍କୁ ତତ୍କାଳ ଠାବ କରାଯାଇ ଆବଶ୍ୟକ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରୁନାହିଁ ବୋଲି ଜଣାଯାଇଛି। ଏଥିସହ ଘରୋଇ ଡାକ୍ତରଖାନାମାନେ ସେମାନଙ୍କ ପାଖରେ ଚିକିତ୍ସାଧୀନ ରହିଥିବା ସନ୍ଦିଗ୍ଧଙ୍କ ନମୁନା ପଜିଟିଭ ଆସିଲେ ମଧ ଏବାବଦରେ ଆକ୍ରାନ୍ତଙ୍କ ସଂଖ୍ୟା ଓ ବାସସ୍ଥାନ ଅଂଚଳ ବାବଦରେ ସବିଶେଷ ବିବରଣୀ ସରକାର/ ସ୍ୱାସ୍ଥ୍ୟ ବିଭାଗକୁ ଆନୁଷ୍ଠାନିକ ଭାବେ ରିପୋଟିଂ କରିବାରେ ଉଦାସୀନ ରହିଯାଉଛନ୍ତି। ଅନ୍ୟପକ୍ଷରେ କିଛି ମାସ ତଳେ ଜନୈକ ରୋଗୀ ଡେଙ୍ଗୁରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଥିଲେ ମଧ ଏହାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଗ୍ରହଣ କରିନଥିବା ଅଭିଯୋଗରୁ ପ୍ରକାଶ। ସରକାରୀ ଡାକ୍ତରଖାନାରେ ଆଡମିଶନ ନେଉଥିବା ସନ୍ଦିଗ୍ଧ ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା ସହିତ ତତ୍କାଳ ଚିକିତ୍ସା ଯୋଗାଇଦେବାରେ ଅବ୍ୟବସ୍ଥା ରହୁଥିବା ଅଭିଯୋଗରୁ ପ୍ରକାଶ। ଫଳରେ ସ୍ୱଚ୍ଛଳ ବର୍ଗ ଏହି ରୋଗ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ହେଲେ ପରବ ୍ତୀ ପଦକ୍ଷେପ ଓ ଦାୟି ୍ୱବୋଧତାର ଅଭାବ କାରଣରୁ ଘରୋଇ ଡାକ୍ତରଖାନାମାନେ ରିପୋଟିଂ କରିବାରେ ଆବଶ୍ୟକ ପଦକ୍ଷେପ ନନେଇ ଚୁପ ବସିଯାଆନ୍ତି। ଏକ୍ଷେତ୍ରରେ ବିଶେଷ ତନାଘନାର ଆବଶ୍ୟକତା ରହିଛି।

ପ୍ରକାଶ ଥାଉକି, ଡେଙ୍ଗୁ ଏକ ଭାଇରାଲ ଜ୍ୱର ରୋଗ ହୋଇଥିବାରୁ ଏବାବଦରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହ ଉଭୟ ସରକାରୀ ତଥା ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ସମନ୍ୱୟ ରକ୍ଷାକରି ଉପରୋକ୍ତ ରୋଗର ମୂଳ ଉତ୍ସ ଓ ଏହାର ଆଶଙ୍କିତ ସଂକ୍ରମଣଶିଳତା ଉପରେ ଆବଶ୍ୟକ ତନାଘନା ନିମନ୍ତେ ବିଶେଷ ପଦକ୍ଷେପ ନେବା ନିହାତି ଜରୁରୀ। ଏକ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ସୃଷ୍ଟିକାରୀ ପରିବେଶର ମୂଳ ଉତ୍ସ ଖୋଜି ବାହାର କରି ଆକ୍ରାନ୍ତଙ୍କୁ ତତ୍କାଳ ଚିକିତ୍ସା ଯୋଗାଇ ଦିଆଯିବା ଉଚିତ୍।

ପ୍ରଥମେ ଆମେ ଅଂଚଳବାସୀ ସ୍ୱାସ୍ଥ୍ୟ ତଥା ଆମ ଚାରିପାଖ ଘେରିଲରହିଥିବାଳପରିବେଶର ସଠିକ ପରିଚାଳନା ପାଇଁ ଆବଶ୍ୟକ ସଚେତନ ହେବାକୁ ପଡିବ। ଆମ ଘର ସାମନା ଓ ବାଡିନଟ ନଳା ଓ ଡ୍ରେନ ଗୁଡିକର ସଫେଇ ସମେତ ଏଥିରେ ବ୍ଲିଚିଂ ଆଦି ବିଶୋଧକ ଛି ିବା ଆବଶ୍ୟକ। ପ୍ରତି ପ ।ୟତ ଓ ଏନଏସି ସ୍ତରରେ ଏବାବଦରେ ବିଚାର ଆଲୋଚନା କରି ପରିବେଶ ସଫେଇକୁ ପ୍ରାଧାନ୍ୟ ଦେବାକୁ ହେବ। ପ୍ରକାଶ ଥାଉକି, ଚଳିତ ବର୍ଷ ଲଘୁଚାପ ଓ ମୌସୁମୀ ଜନୀତ ଲଗାଣ ବର୍ଷା ତଥା ତୁହାକୁ ତୁହା ବର୍ଷା ହେବା ଫଳରେ ଅନେକ ଜଳ ନିଷ୍କାସନ ସମସ୍ୟା ରହିଥିବା ଡ୍ରେନ ଓ ତଳିଆ ଅଂଚଳରେ ବର୍ଷାଜଳ ଦୀର୍ଘ ଦିନ ଜମି ରହିବା ତଥା ଆବଶ୍ୟକ ସଚେତନତା ଅଭାବରୁ ଘର ପଛ ବାଡିରେ ରାସ୍ତା କଡରେ ଜମିରହିଥିବା ଆର୍ଦ୍ର ଅଳିଆ ଆବର୍ଜନାରେ ମଧରେ ଡେଙ୍ଗୁ ମଶା ବିସ୍ତାର ଆଶଙ୍କା ବଢିଯାଇଛି। ବର୍ଷାଜଳରେ ତିନ୍ତିତିନ୍ତି ଓଦା ପଚପଚ ରହିଥିବା ଡଂମ୍ପିଙ୍ଗ୍ ୟାର୍ଡମାନଙ୍କରେ ଦୀର୍ଘଦିନ ଜମିରହିଥିବା କୁଢକୁଢ ମଇଳା ଆବର୍ଜନା ଗୁଡିକୁ ହଟାଇ ଏହାର ପରିବେଶୀୟ ପରିଚାଳନା ପାଇଁ ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ସ୍ଥାନୀୟ ଜନସାଧାରଣ ବିଭାଗୀୟ ସ୍ତରରେ ସହଭାଗୀ ହେବାକୁ ପଡିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଆପଣା ଘରେ ବାହାରେ ରହିଥିବା ଅଦରକାରୀ ବସ୍ତୁ ଯଥା ପରିତ୍ୟକ୍ତ ପାଣିକୁଣ୍ଡ, ଟାୟାର,ମାଟିପାତ୍ର,ପଇଡ ଖୋଳପା , ବର୍ଜ୍ୟ ପ୍ଲାଷ୍ଟିକ ତଥା ଟିଣ ଆଦି ବସ୍ତୁରେ ପାଣି ଜମିବାକୁ ଦିଅନ୍ତୁନାହିଁ। ଏଥିରେ ଡେଙ୍ଗୁ ରୋଗର ବାହକ ,'ଏଡିଶ ମଶା' ଅଣ୍ଡା ଦେଇ ନିଜର ବଂଶ ବିସ୍ତାର କରିଥାଏ। ପାଣି ରହୁଥିବା ପାତ୍ର, ପାଣିକୁଣ୍ଡ, ପାଣି ଟାଙ୍କି ଆଦିକୁ ଘୋଡାଇ ରଖନ୍ତୁ। ଘରର ପାଣିକୁଣ୍ଡ,କୁଲର ଇତ୍ୟାଦିକୁ ନିୟମିତ ବ୍ୟବଧାନରେ ସଫା କରି ଏଥରୁ ପାଣି ବଦଳାଇବା ମଧ ଜରୁରୀ। ଘରପାଖ ଆବର୍ଜନା ଗୁଡିକୁ ନଷ୍ଟ କରିଦେଇ ନିଜ ନିଜ ଅଂଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିପାରିଲେ ମ୍ୟାଲେରିଆ ଭଳି ଡେଙ୍ଗୁ ରୋଗକୁ ମଧ ପ୍ରତିରୋଧ କରାଯାଇପାରିବ। ଏଡିଶ ମଶା ପ୍ରାୟ ଦିନ ବେଳା କାମୁଡିଥାଏ। ମଶା ଧୁଆଁ, ମଶା ତେଲ ଆବଶ୍ୟକ ସ୍ଥଳେ ବ୍ୟବହାର କରିବା ବିଧେୟ। ଆବଶ୍ୟକ ପ୍ରତିକାର ପାଇଁ ପ୍ରଥମେ ଡେଙ୍ଗୁ ପ୍ରାଦୁର୍ଭାବ ରହିଥିବା ଅଂଚଳକୁ ଚିହ୍ନଟ କରିବା ଜରୁରୀ। ସନ୍ଦିଗ୍ଧ ଅଂଚଳରୁ ରକ୍ତ ନମୁନା ପରୀକ୍ଷଣ ପାଇଁ ସଂଗ୍ରହ କରି ଯଦି ପଜିଟିଭ ବାହାରିଲା, ତୁରନ୍ତ ସ୍ଥାନୀୟ ଅଂଚଳରେ ସ୍ୱାସ୍ଥ୍ୟ ବିଭାଗ ପ୍ରତିକାରାତ୍ମକ ପଦକ୍ଷେପ ନେବା ଜରୁରୀ। ମଶା କାମୁଡାରୁ ରକ୍ଷା ପାଇବାକୁ ମଶାରୀ ପକାଇ ଶୋଇବା ଉଚିତ୍। ବାହାରେ ଚଳାଚଳ ବେଳେ ଦେହରେ ପୁରା ପୋଷାକ ପିନ୍ଧିବା ସହ ମଶା ନିବାରକ ମଲମ ଲଗାଇବା ଉଚିତ୍।

ଶେଷରେ ଡେଙ୍ଗୁ ହୋଇଥିବା ସନ୍ଦେହରେ ପ୍ଲେଟଲେଟ କାଉ ରିପୋର୍ଟ ତଥା ଅନ୍ୟାନ୍ୟ ପରୀକ୍ଷାର ଫଳାଫଳକୁ ଅପେକ୍ଷା ନକରି ଡାକ୍ତରଙ୍କ ପରାମର୍ଶରେ ଧୈର୍ଯ୍ୟ ସହକାରେ ତୁରନ୍ତ ଆବଶ୍ୟକ ଔଷଧ ସେବନ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନ ରହିଲେ ଯାଇ ନିଶ୍ଚୟ ଡେଙ୍ଗୁ ପ୍ରାଦୁର୍ଭାବରୁ ରକ୍ଷା ମିଳିପାରିବ।

ପରିବେଶ ସୁସ୍ଥ, ସ୍ୱଚ୍ଛ ରହିପାରିଲେ, ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ସତର୍କ, ସଚେତନ ରହିପାରିଲେ ଆମେ ନିଶ୍ଚୟ ସ୍ୱାସ୍ଥ୍ୟବାନ ରହିବା ସହ ନିଜକୁ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ କରାଇପାରିବା।


ସ୍ତମ୍ଭକାର,
ସା:/ପୋ:-ନାଚୁଣୀ,
ଜିଲ୍ଲା:-ଖୋରଧା-୭୫୨୦୩୪





## ତୁମେ ହିଁ ଅସ୍ତିତ୍ୱ ମୋର ?

ବେଣୁଧର ସୂତାର

ଅନେକଜନ୍ମର ତପସ୍ୟାରେ ମୋର
ମେଣ୍ଟିନାହିଁ ଅବସୋସ
ମୋ ବୁକୁ ତଳର ଅୟୁତ ବେଦନା
ଯନ୍ତ୍ରଣାର ଅନୁପ୍ରାସ
ଦିନ ଦଣ୍ଡ ବର୍ଷ ମାସ
ମୋ ପୂର୍ବ ଜନ୍ମର ପ୍ରାରବ୍ଧରେ ଅବା
କରିଅଛି କେଉଁ ଦୋଷ ।

ମୋ ହୃଦ ତନ୍ତ୍ରୀର ପ୍ରତି ସ୍ପନ୍ଦନରେ
ଓଁକାର ଉଠେ ଯା ନାମେ
ମନ ମନ୍ଦିରର ତପସ୍ୟା ବେଦିରେ
କେବଳ ତୁମେ ହିଁ ତୁମେ
ଅପୂର୍ଣ୍ଣ ମୋ ଅଭିଳାଷ
ଭାଗ୍ୟେ ଭରିଅଛ ବିରାଟ ଶୂନ୍ୟତା
ମରେ ନାହିଁ ମନ ଶୋଷ ।

ତୁମେ ପରା ପ୍ରଭୁ ଭାବ ନିରାକାର
ଭାବାତୀତ ଭାବ ଯୋଗ
ହୃଦୟେ ଭରିଛ କୋଟିଏ ଯୁଗର
ଭକ୍ତିମୟ ଅନୁରଗ
ଲୀଳାମୟ ଜଗଦୀଶ
ହାତଟେକିଦେଇ ଛାତିରକୋହରେ
ମାଗୁଅଛି ଶୁଭାଶିଷ ।

ମୋଜୀବନ ସୁରେ ଉଜୁଡାଆସରେ
ତୁମେ ଗୁଢ଼ତତ୍ତ୍ୱ ସାର
ସମର୍ପି ଦେଇଛି ଜୀବନରେଣୁ ମୋ
ତୁମେହିଁ ଅସ୍ତିତ୍ୱ ମୋର
ତୁଟାଅ ପ୍ରାଣର ପ୍ରାସ
ପ୍ରତୀକ୍ଷାରେ ମୋର ଜନ୍ମ ଜନ୍ମାନ୍ତର
ନୈରାଶ୍ୟର ଉର୍ଦ୍ଧ୍ୱଶ୍ୱାସ ।

ବିଷାଦ ହୃଦୟେ ଜରାଜୀର୍ଣ୍ଣ ଦେହେ
ଡାକେ ପ୍ରଭୁ ଅନ୍ତର୍ଯ୍ୟାମୀ
ଜୀବନ ଯଜ୍ଞର ଶେଷ ଆହୂତିରେ
ମୋ ନୟନପଥ ଗାମୀ
ହୁଅ ବାରେ ହୃଷୀକେଶ
କୃପା କୈବଲ୍ୟରେ
ଦାସାନୁ ଦାସରେ
ନିର୍ବାଣରେ ମିଳୁ ତୋଷ ।

## ସମୁଦ୍ର

ଭବାନୀ ଶଙ୍କର ନାୟକ

ସମୁଦ୍ର......
ଦିନର ରୁପେଲି ଆଲୁଅରେ
ଆଖି ପାଉନଥିବା
ନଭଶ୍ଚୁମ୍ବୀ ପାଣିର ସହର,
କେବେ ପୁଣି
ରାତିର କିଟ୍ କିଟ୍ ଅନ୍ଧାରରେ
ତତଲା ଧୂସର ବାଲି
କେଉଁ ଶୂନ୍ୟ ମରୁଭୂମିର ।
ଯହିଁ ପୂରିଥାଏ
ସହସ୍ର ଭାସମାନ ସମୁଦ୍ର
ସେମାନଙ୍କ କେବେ
ଲୋଭ ନଥାଏ ମାଡ଼ି ଯିବାକୁ
ମାଟି ପରେ ମାଟି
ଯୋଜନ ଯୋଜନ
ତଥାପି ବଞ୍ଚିତ ହୁଅନ୍ତିନି
ନୀଳକଇଁର କାଉଁରୀ ଛୁଆଁରୁ
ଅବା ବେଳାଭୂମିର
ଶୀତଳ ଚୁମ୍ବନରୁ ।
ସେଥିପାଇଁ ବୋଧେ ସମୁଦ୍ର
ଡ଼ିଏଁନି ତାର ସୀମା
ଫେନିଳ ହିମସ୍ରୋତ ଅବା
କଳା ମେଘର
ବେପରୁଆ ଇଙ୍ଗିତରେ ।
କେଜାଣି କାହିଁକି ସମୁଦ୍ର
ବାଣ୍ଟି ଚାଲିଥାଏ
ଛାତି ତଳର ନୀଳିମା ଯାକ
ଧୂମିଳ ଆକାଶକୁ
ସମସ୍ତଙ୍କର ଅଜାଣତରେ ।
ଆକାଶ ହସେ
ସଫେଦ୍ ଝିନ ପରଦା ତଳୁ
ସମୁଦ୍ରର କୁଞ୍ଚିତ
କପାଳକୁ ଦେଖି,
ହଠାତ୍ ଦିନେ ଆକାଶର
ଦେହ ଫିକା ପଡ଼ିଯାଏ
ପୁରୁଣା ରଙ୍ଗିନ କାଗଜ ପରି
ଚାହେଁ ସେ ସମୁଦ୍ର ମୁହଁକୁ
ଫମ୍ପା ଆଖିରେ ।
ହେଲେ ସେତେବେଳକୁ
ସମୁଦ୍ର ନଥାଏ
କି ତାର ନୀଳ ଜ୍ୟୋତ୍ସ୍ନା
କୋଳେଇ ନେବାକୁ
ବିଜୁଳିର ଚମକ ଖେଳାଇ,
ବାକି ରହିଯାଏ
ତାଜା ଫୁଲକଢ଼ କିଛି
ଆକାଶର ଉଜୁଡ଼ା ଛାତିରେ
ସମୁଦ୍ର ଢେଉ ମାନଙ୍କ
ଜୀବନ୍ତ ସମାଧି ହୋଇ ।


+ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧


## ଆସି ଲାଣି ଅଶିଣ

ରଶ୍ମିତା ସେଠୀ

ପାର୍ବଣର ଖୁସିଆଣି ଆସିଲାଣି ଅଶିଣ
ମହୁରୀ ବଜେଇବହେ ସୁଶୀତଳ ପବନ।

କଳା ମେଘ ଲୁଚିଲାଣି ପାହାଡର ଉହାଡ଼େ
ନୀଳ ନୀଳ ଆକାଶଟା
କେଡ଼େ ତୋଫା ଦିସେରେ।

ଫୁଲେ ଫୁଲେ ଚଉଦିଗ ସଜେଇ ହେଇଛି
ବଣ ମୁଲକ କଟି ଆହା କି ସୁନ୍ଦର ଦିଶୁଛି।
ଆନନ୍ଦରେ କାଶତଣ୍ଡି
ନାଚେ ନଈ ପଠାରେ
ମାଆର ଦର୍ଶନ ଲାଗି ଚାହିଁ ଅଛି ଅଧିରେ।

ସଂଜ ହେଲେ ରୁପା ଜହ୍ନ
ଢାଳି ଦିଏ ଜୋଛନା
ରାତି ଲାଗେ ଦିନ ପରି
ସତେ ରୁପକ୍ଷ ଆଇନା ।

ଯୁଇ ଜାଇ ମହକ ରେ ବାଟ ଯାଏ ମହକି
ଫୁଟିଛି ପଦୁଅଁ କଇଁ ମାଆ ପୁଜା ପାଇଁକି।

ସରଗର ଶୋଭା ନେଇ ହସୁଅଛି ମରତ
କେତେ ହସ ଖୁସି ନେଇ ଆସିଅଛି ଶରତ।


+ହଳଦୀପଦା
କଲ୍ୟାଣପୁର, ଖୋର୍ଦ୍ଧା


## ରକ୍ଷା କବଚ

ବୈଷ୍ଣବ ମେହେର

ପ୍ରତ୍ୟାଶିତ ଅବା ଅପ୍ରତ୍ୟାଶିତ ଭାବେ
କେବେ କେବେ ନିଜକୁ ନିଜେ
ଭେଟ୍ ପଡ଼େ
ଇଚ୍ଛା ଅନିଚ୍ଛାରେ କଥା ହୁଏ
କିଛି ନିଜର କହେ
କିଛି ପଚାରି ବୁଝେ
ଏକାନ୍ତ ନିରୋଳାରେ।
ଆଜିକୁ ବହୁତ ଆଗରୁ
ନିଜ ସହ ନିଜର
ବୁଝାମଣା ହୋଇଛି
ଭଲମନ୍ଦ
ଭାବ ଅଭାବ
ବିଚାର ଅବିଚାର
ବାଦ ବିବାଦ ସବୁଠି
ସମାନ ଭାଗବଣ୍ଟା ହେବ
ତା'ର ଆଉ ମୋର ।
କିଛି ଭଲପାଇବା ମୁଁ ତାକୁ ଦିଏଁ
ସେ ବି ଭଲପାଏ,
ଘୃଣା ବି କରେ
ଯେବେ ଫସିଯାଏଁ
ମୁଁ ମୋର ମୁଁତ୍ୱ ଭିତରେ
ଜାଣିଜାଣି ହଜେଇ ଦିଏ
ସାଇତା ଅସ୍ତିତ୍ୱକୁ ।
ସେହି ହିଁ ମୋର ଆର୍ତ୍ତନାଦ ଶୁଣେ
ବିଳାପକୁ ବୁଝିପାରେ
ଆହା କରେ ତ
କେବେ ଚମକାଇ ଆକଟ କରେ
ପ୍ରବଳ ଉଭଟରେ ଭାସିଯିବା ପୂର୍ବରୁ
ଜୋର କରି ଭିଡ଼ି ନିଏ
ଛିଡ଼ା କରିଦିଏ
ନିଜ ହାତ ତିଆରି ବନ୍ଧ ଉପରେ
ରକ୍ଷାକବଚ ସାଜେ
ମୋର ପ୍ରତି ଘଟଣା ଅଘଟଣାରେ ।


+ସିନାପାଲି, ନୂଆପଡ଼ା




# ଯାଜପୁର ଓ ଗଜପତି ଜିଲ୍ଲା ପରିକ୍ରମା କଲା 'ଅହିଂସା ରଥ'

ଭୁବନେଶ୍ୱର,୨୨/୦୯ (ନି.ପ୍ର): ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଆମର ପୂର୍ବସୂରୀମାନେ ଯେଉଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଯାଇଛନ୍ତି, ତାହାକୁ ଉତ୍ତରପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କର ସୁନ୍ଦର ପରିକଳ୍ପନା ହେଉଛି ଅହିଂସା ରଥ । ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଅହିଂସା ରଥ ଆଜି ସୁଦ୍ଧା ୨୩ଟି ଜିଲ୍ଲା ପରିକ୍ରମା ଶେଷ ହୋଇଛି । ଏହି କ୍ରମରେ ଆଜି ଯାଜପୁର ଓ ଗଜପତି ଜିଲ୍ଲାରେ ଅହିଂସା ରଥ ପରିକ୍ରମା କରିଛି । ଯାଜପୁର ଜିଲ୍ଲାରେ ଅହିଂସା ରଥ ପରିକ୍ରମାର ଦ୍ୱିତୀୟ ଦିନରେ ଯାଜପୁରର ସଂସ୍କୃତି ଭବନ ପରିସରରେ ପହଞ୍ଚିବା ପରେ ପୌର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣପୂର୍ବକ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଯାଜପୁର ଜିଲ୍ଲା ସ୍କୁଲ, ବିରଜା ମହିଳା ମହାବିଦ୍ୟାଳୟ, ବିଡି ହାଇ ସ୍କୁଲର ଛାତ୍ରଛାତ୍ରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ରଥକୁ ସ୍ୱାଗତ ଜଣାଇଥିଲେ । ଆହ୍ୱାନ ସାଂସ୍କୃତିକ ଅନୁଷ୍ଠାନର କଳାକାର ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ସହ ସ୍ୱାଧୀନତା ସମ୍ବନ୍ଧିତ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ଅହିଂସା ରଥ ସୁକିନ୍ଦା ବ୍ଲକର ଡୁବୁରି ବଜାରରେ ପହଂଚିବା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ଡୁବୁରି ଛକରୁ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରକୁ ନିଆ ଯାଇଥିଲା । ଅତିରିକ୍ତ ବିଡ଼ିଓ, ବ୍ଲକ ଅଧ୍ୟକ୍ଷ ରଂଜିତା କୁମାରୀ ଦାସ, ସ୍ଥାନୀୟ ସରପଂଚ ସମେତ ସ୍ଥାନୀୟ ଜନସାଧାରଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱାଧୀନତା ସଂଗ୍ରାମ ଓ ବଳିଦାନର ବାର୍ତ୍ତା ବହନ କରୁଥିବା ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ମୁଗୁପାଳ ହାଇସ୍କୁଲଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଦିଆଯାଇଥିଲା । ଏହି ଅବସରରେ ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ରସୁଲପୁର ବିଡ଼ିଓ ଏବଂ ତହସିଲଦାର, ପଂଚାୟତ ପ୍ରତିନିଧି ଯୋଗଦେଇ ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏକ ବିଶାଳ ପଟୁଆରରେ ଅହିଂସା ରଥକୁ ମୁଗୁପାଳ ହାଇ ସ୍କୁଲ ପରିସରକୁ ଅଣାଯାଇଥିଲା । ଏଠାରେ ଚଳଚ୍ଚିତ୍ର ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଓ ଦେଶପ୍ରେମର ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା । ଏହି ସ୍ୱାଗତ ଉତ୍ସବରେ ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ସାମିଲ ହୋଇ ପରିସରକୁ ଉତ୍ସବ ମୁଖର କରିଥିଲେ । ଉପ ନିର୍ଦ୍ଦେଶକ, କଟକ ପକ୍ଷରୁ ବୁଣାକାରମାନଙ୍କୁ ଚରଖା ବଂଟା ଯାଇଥିଲା । ପରେ କୁଆଖିଆ, ବାରବାଟି ଓ ଚଣ୍ଡିଖୋଲ ବଜାରରେ ରଥ ପରିକ୍ରମା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଆଜି ଗଜପତି ଜିଲ୍ଲାରେ ଅହିଂସା ରଥ ପରିକ୍ରମା ଆରମ୍ଭ ହୋଇଛି । ରାୟଗଡ଼ା ଜିଲ୍ଲାରୁ ଆସିଥିବା ଅହିଂସା ରଥ ଗଜପତି ଜିଲ୍ଲାର କାଶିନଗର ବ୍ଲକ୍ ଠାରେ ପହଂଚିବା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବ୍ଲକ୍ ଅଧ୍ୟକ୍ଷ, ଏନ୍ଏସି ଅଧ୍ୟକ୍ଷ, ସରପଂଚ ଏବଂ ଅନ୍ୟ ପଂଚାୟତିରାଜ ପ୍ରତିନିଧି, ବିଡ଼ିଓ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଛାତ୍ରୀମାନେ ଅହିଂସା ରଥକୁ ସ୍ୱାଗତ କରିଥିଲେ । ସେହିପରି ଅନ୍ୟ ଏକ ରଥ ଆଜି ଗୁମ୍ମା ବ୍ଲକ୍ ଓ ଗୋସାଣୀ ବ୍ଲକ୍ ଅଂଚଳ ପରିକ୍ରମା କରିଥିଲା । ପରେ ପାରଳାଖେମୁଣ୍ଡି ମୁନିସିପାଲିଟିଠାରେ ଗଜପତିର ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତ୍ରିପତି ରାଓ, ମୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ନର୍ମଦା ସେଠୀ, ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡା, ଗଜପତି ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ସମସ୍ତ କାଉନ୍ସିଲର, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଏକ ଶୋଭାଯାତ୍ରାରେ ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ ।

# ମତ୍ସ୍ୟ ଓ ପଶୁସଂପଦ ବିକାଶ ବିଭାଗରେ ୮୦୪ କର୍ମଚାରୀ ନିଯୁକ୍ତ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ନବନିଯୁକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଓ କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ଆୟୋଜିତ ଦିଗଦର୍ଶନ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରକୁ ତୃଣମୂଳ ସ୍ତରରେ ଅଭିବୃଦ୍ଧିର ଏକ ଇଞ୍ଜିନ ବୋଲି ମତ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଏକସଙ୍ଗେ ଭୁବନେଶ୍ୱରର ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ଜୟଦେବ ଭବନ ଠାରେ ଆୟୋଜିତ ହୋଇଥିଲା । ସମସ୍ତ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଭିଡିଓ କନଫରେନସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ମୋଟ ୧୪୬ ପ୍ରାଣୀ ଚିକିତ୍ସକ, ୫୮୮ ପ୍ରାଣୀଧନ ନିରୀକ୍ଷକ, ୬୭ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଓ ୩ କନିଷ୍ଠ ଯନ୍ତ୍ରୀ ନୂତନ ଭାବରେ ନିଯୁକ୍ତ ହୋଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ଏହାର ଗ୍ରାମାଂଚଳରେ ୭୦ ପ୍ରତିଶତରୁ ଅଧିକ ଲୋକ ବିଭିନ୍ନ ଚାଷ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ପ୍ରାଣୀପାଳନ ଓ ମତ୍ସ୍ୟ ଉତ୍ପାଦନ ମାଧ୍ୟମରେ ନିଜର ଆୟ ବୃଦ୍ଧି କରିପାରୁଛନ୍ତି । ରାଜ୍ୟ ସରକାର ଏହି କୃଷକଙ୍କ ଜୀବନକୁ ଅଧିକ ଆରାମଦାୟକ କରିବା, ରୋଜଗାର ବଢାଇବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ସେଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରକୁ କୃଷକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଅଭିବୃଦ୍ଧିର ଏକ ଇଞ୍ଜିନ ଭାବରେ ଚିହ୍ନଟ କରାଯାଇଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗ୍ରାମାଞ୍ଚଳରେ ଲୋକଙ୍କ ପ୍ରୋଟିନ କ୍ୟାଲୋରୀ ଆବଶ୍ୟକତା ପୂରଣ କରିବା, ପୁଷ୍ଟିସାଧନ ଓ ସର୍ବୋପରି ଖାଦ୍ୟ ସୁରକ୍ଷା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରର ସ୍ୱତନ୍ତ୍ର ଭୂମିକା ରହିଛି । ତେଣୁ ଏହି ବିଭାଗର ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଅନୁଭବ କରିବା ଉଚିତ ବୋଲି ସେ ମତ ଦେଇଥିଲେ । ୫-ଟି ଉପକ୍ରମ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା, ଟିମ୍ ସ୍ପିରିଟ୍‌ରେ କାମ କରିବା ଓ ବୈଷୟିକ ଜ୍ଞାନର ପ୍ରୟୋଗ ଦ୍ୱାରା ତୃଣମୂଳ ସ୍ତରରେ ପ୍ରକୃତ ପରିବର୍ତ୍ତନକୁ ସୁନିଶ୍ଚିତ କରିହେବ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ପାଇଁ ରାସ୍ତା ତିଆରି ହୋଇପାରିବ । ନବନିଯୁକ୍ତ କର୍ମଚାରୀମାନେ ସ୍ୱଚ୍ଛତା ବଜାୟ ରଖିବା ସହ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ସେ ଆଶା ପ୍ରକଟ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୩ ଗୁଣ, ମାଂସ ଉତ୍ପାଦନ ୬ ଗୁଣ, ଅଣ୍ଡା ୩ ଗୁଣ ଓ ମାଛ ଉତ୍ପାଦନ ୪ ଗୁଣ ବୃଦ୍ଧି ପାଇଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟରେ ବିଭିନ୍ନ କମିଶନ ଓ ବିଭାଗ ଦ୍ୱାରା ପ୍ରତି ମାସରେ ହଜାର ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ସେ କହିଥିଲେ । ଆନୁସାଙ୍ଗିକ କ୍ଷେତ୍ରରେ ବିକାଶ ଯୋଗୁ ଗ୍ରାମାଞ୍ଚଳରେ ଅଧିକ ଆର୍ଥିକ ଅଭିବୃଦ୍ଧି ଘଟୁଛି ବୋଲି ସେ ମତ ଦେଇଥିଲେ । ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ମତ ବିନିମୟ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରାମର୍ଶ ଦେଇ କହିଲେ ଯେ ସେମାନେ ଯେଉଁଭଳି ଏକ ସ୍ୱଚ୍ଛ ପ୍ରକ୍ରିୟାରେ ନିଯୁକ୍ତି ପାଇ ନିଜର ଦକ୍ଷତାର ପରିଚୟ ଦେଇପାରିଛନ୍ତି, ସେହିଭଳି ଚାକିରୀ କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ବଜାୟ ରଖି ରାଜ୍ୟବାସୀଙ୍କ ସେବା କରିବା ଜରୁରୀ ।

# ବିଶିଷ୍ଟ ପାଲା କଳାକାର ପଣ୍ଡିତ ନାରାୟଣ ଦାଶଙ୍କ ପରଲୋକ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିରର ମୁଖ୍ୟ ପୂଜକ, ବିଶିଷ୍ଟ ପାଲା କଳାକାର, ଶ୍ରୀପାଳିଆ, ଗାନ୍ଧିବାଦୀ ଚେତନାର ପ୍ରବକ୍ତା ପଣ୍ଡିତ ନାରାୟଣ ଦାଶଙ୍କର ଆଜି ପ୍ରତ୍ୟୁଷରେ ତାଙ୍କ ବାଲିଅନ୍ତା ବାସଭବନରେ ୯୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କର ୨ ପୁତ୍ର ଓ ପାଂଚ କନ୍ୟା ଆତ୍ମୀୟସ୍ୱଜନ ଅଛନ୍ତି । ତାଙ୍କ ପରଲୋକ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ ଓ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ କୁଶଭଦ୍ରା ନଦୀଶଯ୍ୟା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମାପନ କରାଯାଇଛି ।

# ଇବ ଷ୍ଟେସନରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୩ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ବିଳାସପୁର ରେଳମଣ୍ଡଳର ରାଇଗଡ଼ ଓ ଝାରସୁଗୁଡା ରେଳ ସେକ୍ସନ ଅନ୍ତର୍ଗତ ଇବ ଷ୍ଟେସନ ଠାରେ ଚତୁର୍ଥ ଲାଇନ କାର୍ଯ୍ୟକ୍ଷମ ପାଇଁ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୩ ଟି ଟ୍ରେନ୍ ବାତିଲ୍ ରହିବ । ପୂର୍ବତଟ ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଠାରୁ ଚଳିତ ମାସ ୨୨, ୨୬ ଏବଂ ୨୯ ତାରିଖରେ ଏବଂ ମୁମ୍ବାଇ ଏଲଟିଟି ଠାରୁ ୨୪, ୨୮ ଏବଂ ଅକ୍ଟୋବର ୧ ତାରିଖରେ ଛାଡିବାକୁ ଥିବା ୧୨୮୮୦/ ୧୨୮୭୯ ଭୁବନେଶ୍ୱର-ଏଲଟିଟି-ଭୁବନେଶ୍ୱର ଏକ୍ସପ୍ରେସ ବାତିଲ ରହିବ । ସେହିପରି ପୁରୀ ଠାରୁ ଚଳିତ ମାସ ୨୭ ତାରିଖରେ ଏବଂ ମୁମ୍ବାଇ ଏଲଟିଟି ଠାରୁ ୨୯ତାରିଖରେ ଛାଡିବାକୁ ଥିବା ୨୨୮୬୬/୨୨୮୬୫ ପୁରୀ-ଏଲଟିଟି-ପୁରୀ ଏକ୍ସପ୍ରେସ ବାତିଲ ରହିବ । ବିଶାଖାପାଟନମ୍ ଠାରୁ ଚଳିତ ମାସ ୨୩, ୨୪ ଏବଂ ୨୭ ତାରିଖରେ ଏବଂ ଅମୃତସରରୁ ୨୪, ୨୫ ଏବଂ ୨୮ ତାରିଖରେ ଛାଡିବାକୁ ଥିବା ୨୦୮୦୭/ ୨୦୮୦୮ ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ ହିରାକୁଦ୍ ଏକ୍ସପ୍ରେସ ବାତିଲ ରହିବ ।

ସେହିପରି ଭାସ୍କୋ-ଡା-ଗାମା ଠାରୁ ଚଳିତ ମାସ ୨୩ ତାରିଖରେ ଏବଂ ଜସିଡିହ ଠାରୁ ଚଳିତ ମାସ ୨୬ ରେ ଛାଡିବାକୁ ଥିବା ୧୭୩୨୧/ ୧୭୩୨୨ ଭାସ୍କୋ-ଡା-ଗାମା-ଜସିଡିହ-ଭାସ୍କୋ-ଡା-ଗାମା ଉଭୟ ପାର୍ଶ୍ୱରୁ ଏହାର ନିର୍ଦ୍ଧାରିତ ମାର୍ଗ ପରିବର୍ତ୍ତେ ସିକନ୍ଦରାବାଦ-ବିଜୟୱାଡା-ଭୁବନେଶ୍ୱର-ନାରାଜ ମାର୍ଥାପୁର-ସମ୍ବଲପୁର ସିଟି ଓ ଝାରସୁଗୁଡା ମାର୍ଗଦେଇ ଚଳାଚଳ କରିବ ।

# ଜୟଦେବ କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ୪ ନମ୍ବର ୱାର୍ଡ ନହରକାର ମହାରଥା ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ, ଶ୍ରୀ ଜୟଦେବ ଶିକ୍ଷା ବୈଷୟିକ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନରାୟଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧୋତ୍ସବ କୁଆଖାଇ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ଆଜି ପ୍ରତ୍ୟୁଷରେ ଯଦେବ କଲେଜ ପରିସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇ ତାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବେଦପାଠ ଓ ଗୁରୁବନ୍ଦନା କରିଥିବା ବେଳେ ଜ୍ୟୋତିପ୍ରଭା ସମ୍ପାଦକ ଆଶୁତୋଷ ସାମନ୍ତରାୟ, କଲେଜ ଉପାଧ୍ୟକ୍ଷ, ଡଃ ସନ୍ତୋଷ କୁମାର ସେଠୀ, ଡଃ ଅରୁଣ କୁମାର ରଥ, ପ୍ରସନଜିତ୍ କର, ବେଣୁଧର ପାତ୍ର ଓ ଛାତ୍ରଛାତ୍ରୀମାନେ ତାଙ୍କ ଗୁଣାବଳୀ ସମ୍ପର୍କରେ ନିଜ ମତ ପ୍ରଦାନ କରିଥିଲେ । ଚିତ୍ରଶିଳ୍ପୀ ନିର୍ମଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ଏଯାଏଁ ୩୭୮୮ ଡେଙ୍ଗୁ ରୋଗୀ ଚିହ୍ନଟ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୭୮୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ୨୭ ହଜାର ୭୫୯ ସାମ୍ପୁଲ୍ ଟେଷ୍ଟ ହୋଇଥିବା ବେଳେ ୩୭୮୮ ପଜିଟିଭ୍ ଆସିଥିଲା । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୧୩୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ କୋରାପୁଟରେ ୩୫୯, ରାୟଗଡ଼ାରେ ୩୨୧, ମାଲକାନାଗିରିରେ ୨୩୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏବେ ସୁଦ୍ଧା ରାଜ୍ୟରେ ସରକାରୀ ଭାବେ ଡେଙ୍ଗୁରେ କୌଣସି ଲୋକଙ୍କ ମୃତ୍ୟୁ ହୋଇନାହିଁ । ୨୦୨୧ରେ ଏହି ସମୟରେ ମୋଟ ୧୫ ହଜାର ୮୩୮ ସାମ୍ପୁଲ ଟେଷ୍ଟ ହୋଇଥିଲା ଓ ୩ ହଜାର ୮୯୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।

# ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ିଭୁତ କରାଯିବ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ହୋଇଛି ।

ଦୃତ ପରିବର୍ତ୍ତନଶୀଳ ଜଳବାୟୁ ପରିପ୍ରେକ୍ଷୀରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ ଓ ଶାଣିତ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା । ଏଥି ପାଇଁ ଓଡ୍ରାଫ୍, ଅଗ୍ନିଶମ ସେବା ୟୁନିଟ୍, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ୟୁନିଟ୍ ଗୁଡିକୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯିବ । ନିୟମିତ ବ୍ୟବଧାନରେ ତାଲିମ ଦିଆଯାଇ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ । ସମ୍ଭାବ୍ୟ ସହରାଂଚଳ ବନ୍ୟା ନିୟନ୍ତ୍ରଣ ନିମନ୍ତେ ବଡ଼ ବଡ଼ ସହରମାନଙ୍କରେ ଥିବା ଡ୍ରେନ୍ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସଠିକ୍ ଭାବେ ସଂଯୋଜିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡ୍ରେନ୍ ଗୁଡିକ ଉପରୁ ଜବର ଦଖଲ ହଟାଇବା, ଡ୍ରେନ୍ ପ୍ରଶସ୍ତିକରଣ ଏବଂ ସଂଯୋଗୀକରଣ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ କରିବା ପାଇଁ କୁହାଯାଇଥିଲା । ବନ୍ୟାରେ ପ୍ରଭାବିତ ହେଉଥିବା ଏବଂ ଆବଶ୍ୟକ ପରିମାଣର ଆଶ୍ରୟସ୍ଥଳୀ ନଥିବା ଗ୍ରାମମାନଙ୍କୁ ଚିହ୍ନଟ କରି ସେଠାରେ ବନ୍ୟା-ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବରି, ଧାମନଗର, ଗୋପ ଆଦି ବନ୍ୟା ପ୍ରବଣ ଅଂଚଳର ବନ୍ୟା ଘେରିବନ୍ଧକୁ ଅଧିକ ଉଚ୍ଚ ଓ ଦୃଢ଼ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ହୋଇଥିଲା । ବିପର୍ଯ୍ୟୟ ପରିଚାଳନା ଦକ୍ଷତା ଅବିବୃଦ୍ଧି ବାବଦରେ ପ୍ରାୟ ୪୦୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ବୈଠକର ଆଲୋଚନାରୁ ଜଣାପଡିଥିଲା । ଜରୁରୀ ରିଲିଫ୍, ମରାମତି, ପୁନଃ ସ୍ଥାପନ ଏବଂ ପ୍ରଭାବିତ ଲୋକଙ୍କୁ ବିଭିନ୍ନ ପ୍ରକାର ସହାୟତା ବଂଟନ ଆଦି ବାବଦରେ ବିଭାଗମାନଙ୍କୁ ଦିଆଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିବା ପାଇଁ ମଧ୍ୟ ଉନ୍ନୟନ କମିଶନର ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ । ଗତ ଅଗଷ୍ଟ ମାସରେ ହୋଇଥିବା ପ୍ରବଳ ବର୍ଷା ଏବଂ ବନ୍ୟାର ବିପର୍ଯ୍ୟୟ ପରବର୍ତ୍ତୀ ଆବଶ୍ୟକତା ଆକଳନ (ପି.ଡ଼ି.ଏନ୍.ଏ) କରିବା ପାଇଁ ନିଷ୍ପତି ହୋଇଥିଲା । ଆସନ୍ତା ୧ ମାସ ମଧ୍ୟରେ ଏହି କାମ ସଂପୂର୍ଣ୍ଣ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପୋଲିସ୍ ମହାନିର୍ଦ୍ଦେଶକ ସୁନିଲ୍ କୁମାର ବଂଶଲ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ୍ କିମଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଳ ସଂପଦ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରାମ ଉନ୍ନୟନ ଏବଂ ସୂଚନା ଓ ଲୋକସେବା ସଂପର୍କ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ପଂଚାୟତି ରାଜ ଏବଂ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ସୁଶିଲ୍ କୁମାର ଲୋହାନିଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପାର୍ବଣ ଋତୁରେ ସାଇବର ଠକେଇରୁ ବର୍ତ୍ତିବାକୁ ବାର୍ତ୍ତା ଦେଲେ ଡିସିପି

ଭୁବନେଶ୍ୱର,୨୨/୦୯ (ନି.ପ୍ର): ପାର୍ବଣ ଋତୁରେ ସାଇବର ଠକମାନଙ୍କ ଠାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ୍ ସିଂହ । ଏକ ଭିଡିଓ ବାର୍ତ୍ତା ଜାରିକରି ଡିସିପି କହିଛନ୍ତି ଯେ ସାଇବର ଠକ ଲୋଭନୀୟ ଅଫର ଦେଇ ଲୁଟିପାରନ୍ତି । ତେଣୁ ସାବଧାନ ରୁହନ୍ତୁ । କୌଣସି ମେସେଜ୍ କୁ କିମ୍ବା ଲିଙ୍କ୍ କୁ ଆଖି ବୁଜି ବିଶ୍ୱାସ କରନ୍ତୁ ନାହିଁ । କିମ୍ବା ସେଥିରେ ବିଶ୍ୱାସ କରି ତାକୁ କ୍ଲିକ କରନ୍ତୁ ନାହିଁ । ସାଇବର ଠକ ଏବେ ବିଭିନ୍ନ ଉପାୟରେ ଠକିବାକୁ ଉଦ୍ୟମ କରୁଛନ୍ତି । ନୂଆ ନୂଆ ବାହାନା ଦେଖାଇ, ବିଭିନ୍ନ ଗିଫ୍ଟ କିମ୍ବା ଅଫରର ଲୋଭ ଦେଖାଇ କିମ୍ବା ଗିଫ୍ଟ କୁପନର ଲୋଭ ଦେଖାଇ ଲୁଟି ପାରନ୍ତି ସାଇବର ଠକ । ପାର୍ବଣ ସମୟରେ ପୁରସ୍କାର କିମ୍ବା ଲଟେରୀ ଆଦିର ମଧ୍ୟ ଅଫର ଦେଇପାରନ୍ତି ଠକମାନେ । ତେଣୁ ଏଥିପ୍ରତି ସାବଧାନ ରୁହନ୍ତୁ ଲୋକେ । ତେବେ ଏମିତି କିଛି ଅଫର ଦେଖାଇ ସାଇବର ଠକ ପ୍ରଥମେ ଓଟିପି ମାଗିପାରନ୍ତି । ତେଣୁ ଏସବୁ ପ୍ରତି ସାଧାରଣ ଲୋକ ସତର୍କ ରହିବା ସହ କୌଣସି ଲୋଭନୀୟ ଅଫର ଜାଲରେ ପଡ଼ନ୍ତୁ ନାହିଁ । କୌଣସି ଅଜଣା ବ୍ୟକ୍ତିଙ୍କୁ ବିଶ୍ୱାସ କରିବା ନାହିଁ କିମ୍ବା କୌଣସି ଅଜଣା କଲ୍‌ରେ ଓଟିପି ସେୟାର କରିବା ନାହିଁ ବୋଲି ପରାମର୍ଶ ଦେଇଛନ୍ତି ଡିସିପି ।

ଏହାସହ କୌଣସି ନିର୍ଦ୍ଦିଷ୍ଟ ସୁନା ଦୋକାନରୁ ଅଳଙ୍କାର କିଣିଲେ ଗିଫ୍ଟ ମିଳିବ ବୋଲି କହି ଲୋକଙ୍କୁ ଜାଲରେ ପକାଇବା ପରେ ତାଙ୍କ ମୋବାଇଲରୁ ସବୁ ଡାଟା ଚୋରି କରି ନିଅନ୍ତି ସାଇବର ଠକ । ଆଉ ଏହାପରେ ଆଖି ପିଛୁଳାକେ ଆକାଉଂଟ ଖାଲି ହୋଇଯାଏ । ତେଣୁ ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତ ଭୁବନେଶ୍ୱର ଡିସିପି ।

# ଅକ୍ଟୋବର ୧୬ ରେ ଓସିଏସ୍ ପ୍ରିଲିମନାରୀ ପରୀକ୍ଷା

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଆସନ୍ତା ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷା -୨୦୨୧ର ପ୍ରିଲିମନାରୀ ପରୀକ୍ଷା ଅନୁଷ୍ଠିତ ହେବ । ପ୍ରିଲିମନାରୀ ପରୀକ୍ଷା ନେଇ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ସୂଚନା ଦିଆଯାଇଛି । ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ଜାରି ପ୍ରେସ ରିଲିଜ ଅନୁଯାୟୀ, ପ୍ରିଲିମନାରୀ ପରୀକ୍ଷା ଅକ୍ଟୋବର ୧୬ ତାରିଖ ଅର୍ଥାତ୍ ରବିବାର ହେବ । ୧୬ ତାରିଖରେ ୨ଟି ସିଟିଂରେ ପରୀକ୍ଷା କରାଯିବ । ସକାଳ ୧୦ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର୍ -୧ ରହିଛି । ଦିନ ୧ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା ହେବ । ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ ୪୦ ମିନିଟ ଅତିରିକ୍ତ ସମୟ ମିଳିବ ।

# ରାଜ୍ୟରେ ପୁଣି ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ: ୪୩ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଆଜି ପୁଣି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି । ଗତକାଲି ୧୯୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୪୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୦୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୪୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି ।

ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୧୬୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୫ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୬, ବରଗଡ଼ରୁ ୪, ଭଦ୍ରକରୁ ୧, ବଲାଙ୍ଗୀର ଜିଲ୍ଲାରୁ ୫, ବୌଦ୍ଧରୁ ୪, କଟକରୁ ୧୬ ଜଣ, ଦେବଗଡ଼ରୁ ୨, ଢେଙ୍କାନାଳରୁ ୧, ଗଜପତିରୁ ୨, ଗଞ୍ଜାମରୁ ୬, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୧, କେନ୍ଦ୍ରାପଡ଼ାରୁ ୫, କେନ୍ଦୁଝରରୁ ୧, କନ୍ଧମାଳରୁ ୧୦ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୫୫, କୋରାପୁଟରୁ ୨, ମାଲକାନଗିରିରୁ ୧, ମୟୂରଭଞ୍ଜରୁ ୧୧ ଜଣ, ନବରଙ୍ଗପୁରରୁ ୮, ନୟାଗଡ଼ ଜିଲ୍ଲାରୁ ୧୩ ଜଣ, ନୂଆପଡ଼ାରୁ ୪, ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୫, ସମ୍ବଲପୁରରୁ ୧୦ ଜଣ, ସୋନପୁରରୁ ୮, ସୁନ୍ଦରଗଡ଼ରୁ ୪୦ ଜଣ ଓ ଷ୍ଟେଟପୁଲରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୩, ୨୫୩୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩, ୨୧, ୮୫୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୪୩୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଏନସିଏସସିଡ଼ିଏର ନିଯୁକ୍ତି ମେଳା ଆଜି

ଭୁବନେଶ୍ୱର,୨୨/୦୯ (ନି.ପ୍ର): ସମସ୍ତ ଯୁବକ ଏବଂ ଯୁବତୀମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର, ଭୁବନେଶ୍ୱର, ତରଫରୁ ୨୩ ସେପ୍ଟେମ୍ବରରେ ଏନସିଏସସିଡ଼ିଏ କ୍ୟାମ୍ପସ ପରିସରରେ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି । ସେଥିରେ ଶ୍ରବଣ ଶକ୍ତି ରହିତ ଭିନ୍ନକ୍ଷମ ମାନେ ମଧ୍ୟ ଭାଗ ନେଇ ପାରିବେ ।

ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରେ ଯଥା:- ଉତ୍ପାଦନ, ଗ୍ରାହକ କେୟାର ଏକ୍ଜିକ୍ୟୁଟିଭ୍, ସେଲ୍ସ ଆସୋସିଏଟ୍, ଟେଲି ମାର୍କେଟିଂ ପ୍ରାୟ ୬୦ଟି ପଦବୀ ନିଯୁକ୍ତି ପାଇଁ ୪ରୁ ଅଧିକ କମ୍ପାନୀ / ସଂସ୍ଥା ଅଂଶଗ୍ରହଣ କରୁଛନ୍ତି । ଦଶମଠୁ କମ ଶିକ୍ଷାଗତ, ଦଶମ ପାସ ଏବଂ ଦଶମଠାରୁ ଅଧିକ ଶିକ୍ଷାଗତ ଥିଲେ ଭାଗ ନେଇ ପାରିବେ । ତେଣୁ, ସମସ୍ତ ଚାକିରି ଆଶାୟୀ ପାର୍ଥୀ ନିଜର ଶିକ୍ଷାଗତ ପ୍ରମାଣପତ୍ରର ନକଲ, ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ଭିନ୍ନକ୍ଷମ ପ୍ରମାଣପତ୍ର(ଯେଉଁ ମାନେ ଭିନ୍ନକ୍ଷମ) ଏବଂ ବାୟୋ ଡାଟା ଇତ୍ୟାଦି ଡକ୍ୟୁମେଂଟ ସହିତ ଚାକିରି ମେଳାରେ ଯୋଗଦେବାକୁ ଅନୁରୋଧ କରାଯାଇଛି ।

# କେଏମବିବି କଲେଜକୁ ମିଳିଲା ଗବେଷଣା ପାଇଁ ଅନୁଦାନ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ସମ୍ବାଦ ଓ ଆମ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ କେଏମବିବି କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏକ ସମ୍ମାନଜନକ ଅନୁଦାନ ପାଇଁ ମନୋନୀତ ହୋଇଛି । ନ୍ୟାସନାଲ ଟେକ୍ନିକାଲ୍ ଟେକ୍ସଟାଇଲ୍ ମିଶନ୍ (ଏନଟିଟଏମ୍) ଦ୍ୱାରା ଏହି ଅନୁଦାନ ଭାରତରେ ବୈଷୟିକ ତନ୍ତୁ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏନଆଇଟି ପୁଡୁଚେରୀର ପ୍ରଫେସର ଭି ଆର ଏସ୍ ମାଡାମ୍ପାଙ୍କ ନେତୃତ୍ୱରେ ଅନୁସନ୍ଧାନକାରୀ ଦଳ ବିଟସ ପିଲାନିର ପ୍ରଫେସର ଶ୍ୟାମଶର ସିଂ ଏବଂ କେଏମବିବିର ପ୍ରଫେସର ଧନଦା ମିଶ୍ର, ନିର୍ଦ୍ଦେଶକ (ଏକାଡେମିକ୍ସ)କୁ ନେଇ ଗଠିତ । ପ୍ରଫେସର ଧନଦା ମିଶ୍ର ବର୍ତ୍ତମାନ ସେବାଟିକାଲ ଛୁଟିରେ ହଂକଂରେ କାର୍ଯ୍ୟରତ ଅଛନ୍ତି ।

'ଉଚ୍ଚ ଚାପ ବିରୋଧୀ ନିର୍ମାଣ ପାଇଁ ପଲିଏଥିଲିନ ତନ୍ତୁ ସମ୍ବଳିତ ଇଞ୍ଜିନିୟର୍ଡ ସିମେଣ୍ଟ କମ୍ପୋଜିଟ୍ସ (ପିଇଇସିସି)' ନାମକ ଏହି ଅନୁସନ୍ଧାନ ପ୍ରକଳ୍ପ ଦେଶରେ ଉନ୍ନତ ପଲିଏଥିଲିନ ଫାଇବର ଉତ୍ପାଦନକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ । ଫାଇବରର ଏକ ପ୍ରମୁଖ ପ୍ରୟୋଗ ହେଉଛି ସିମେଣ୍ଟ କମ୍ପୋଜିଟ୍ସ ଯାହା ଭୂକମ୍ପ-ପ୍ରତିରୋଧକ ନିର୍ମାଣରେ ଅତ୍ୟନ୍ତ ଉପଯୋଗୀ । ଏହିପରି ଇଞ୍ଜିନିୟରିଂ ସିମେଣ୍ଟ କମ୍ପୋଜିଟ୍ କିମ୍ବା ଇସିସିରେ ଗବେଷଣା ଆମେରିକା, ଚୀନ୍ ଏବଂ ଜାପାନ ପରି ଦେଶ ତୁଳନାରେ ଭାରତରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି । ଗବେଷଣାର ପ୍ରସ୍ତାବ ଭୂକମ୍ପ-ପ୍ରତିରୋଧକ ନିର୍ମାଣ କ୍ଷେତ୍ରରେ ପ୍ରୟୋଗଗୁଡ଼ିକ ଚିହ୍ନଟ ଓ ପ୍ରମାଣିତ କରି ବର୍ତମାନ ବହୁ ଅଧିକ ମୂଲ୍ୟରେ ଆମଦାନି ହେଉଥିବା ଫାଇବରର ମୂଲ୍ୟ ହ୍ରାସ କରିବାକୁ ସ୍ଥାନୀୟ ଉତ୍ପାଦନକୁ ଉତ୍ସାହିତ କରିବା । ଅନୁସନ୍ଧାନ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ଇସିସିର ଡିଜାଇନ୍ ଏବଂ ପରୀକ୍ଷା କେଏମବିବି କଲେଜରେ କରାଯିବ । ଏହି ପ୍ରକଳ୍ପ ୩ ବର୍ଷ ପାଇଁ ଗୃହୀତ ହୋଇଛି ଏବଂ ଏଥିରେ ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସମ୍ବାଦ ଆମ ଓଡ଼ିଶା ଟ୍ରଷ୍ଟର ଚେୟାରମ୍ୟାନ୍ ସୌମ୍ୟରଂଜନ ପଟ୍ଟନାୟକ ଏହି ସଫଳତା ପାଇଁ ଗବେଷଣାକାରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

# ପାରାଦୀପରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଆରମ୍ଭ



ପାରାଦୀପ,୨୨/୦୯ (ନି.ପ୍ର): ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ୍ ଚିକିତ୍ସାଳୟରେ ଅତ୍ୟାଧୁନିକ ଟିବି ରୋଗ ଚିହ୍ନଟ ଯନ୍ତ୍ର ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଏହି ଯୋଜନାରେ ସ୍ଥାପନ କରାଯାଇଥିବା ଯନ୍ତ୍ର ଦ୍ୱାରା ତୁରନ୍ତ ଟିବି ରୋଗ ଚିହ୍ନଟ ହୋଇପାରିବ ବୋଲି ବୁଧବାର ଦିନ ପାରାଦୀପ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡା ଏବଂ ବନ୍ଦର ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା.ଏଲ୍. ପାଧୁରିଆଙ୍କୁ ଭେଟି ସୂଚନା ଦେଇଛନ୍ତି ଡିପିପିଏମ୍-ପ୍ରକଳ୍ପ ସଂଯୋଜକ ଏମ୍‌ଡି.ମକାର ଅଲ୍ଲି, ଏସ୍.ଟି.ଏସ୍. ଏସଡି.ଅମିନୁଲ ଇସଲାମ୍, ଟିବିଏଚଭି ସୌମିତ୍ର କୁମାର ସ୍ୱାଇଁ ଏବଂ ଜାପିଗୋ କାର୍ଯ୍ୟକ୍ରମ ସଂଯୋଜକ ଅଭିଶେକ ରଥ । ପାରାଦୀପ ବନ୍ଦର ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କ ମଧ୍ୟରେ ଯଦି ସେହିଭଳି ଲକ୍ଷଣ ଦେଖାଯାଏ ତେବେ ସେମାନଙ୍କୁ ତୁରନ୍ତ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ୍ ଚିକିତ୍ସାଳୟକୁ ପଠାଇବାକୁ ସେମାନେ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ପଣ୍ଡାଙ୍କୁ ନିବେଦନ କରିଥିଲେ । ସେଠାରେ ମାଗଣାରେ ସେମାନଙ୍କୁ ଚିକିତ୍ସା ପ୍ରଦାନ କରାଯିବ ।

# ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ବାସୁଦେବପୁର ,୨୨/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ର ବାରାପୁର ଶହୀଦ ସ୍ମୃତି ମହାବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ବାସୁଦେବପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇ ଉଦଘାଟନ କରିଥିଲେ ଓ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ ରେ ରକ୍ତଦାନ କାର୍ଯ୍ୟକ୍ରମ କୁ ସର୍ବଦା ସଫଳ କରନ୍ତୁ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ର ରାଜ୍ୟ ସମ୍ପାଦକ ତଥା ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ,ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ବିଜୁ ଯୁବ ଜନତା ଦଳର ସଭାପତି ଦେବ ଦର୍ଶନ ଦାଶ, ବାସୁଦେବପୁର ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳର ସଭାପତି କାଳନ୍ଦୀ ସାହୁ,ଜିଲ୍ଲା ପରିଷଦ ସଦସ୍ୟ ଯଦୁନାଥ ନାୟକ,ବିଜେଡି ନେତା ପ୍ରଫୁଲ୍ଲ ବିଶ୍ୱାଳ,ଗୌତମ ସେଠୀ, ଦୀନବନ୍ଧୁ ଦାସ,ମାନସ ସାହୁ,ଚିନ୍ମୟ ବାରିକ,ସମ୍ବିତ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଏହି ଶିବିରରେ ସମୁଦାୟ ୧୯୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ସମସ୍ତ ରକ୍ତ ଦାତା ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୋହନ ଭାଗବତଙ୍କୁ 'ରାଷ୍ଟ୍ରପିତା' କହିଲେ...

ଆଲୋଚନା ପରେ ଉମର ଅହମ୍ମଦ ଇଲିୟାସୀ ମୋହନ ଭାଗବତଙ୍କୁ ରାଷ୍ଟ୍ରପିତା ଏବଂ ରାଷ୍ଟ୍ରଋଷି ବୋଲି ସମ୍ବୋଧନ କରିଥିବା କିଛି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଗଲା ମାସକ ମଧ୍ୟରେ ମୁସଲିମ୍ ବୁଦ୍ଧିଜୀବୀଙ୍କ ସହ ଭାଗବତଙ୍କ ଏହା ଦ୍ୱିତୀୟ ବୈଠକ । ଏହା ପୂର୍ବରୁ ଗତ ଅଗଷ୍ଟ ୨୨ ତାରିଖରେ ୫ ଜଣ ମୁସଲିମ୍ ବୁଦ୍ଧିଜୀବୀଙ୍କୁ ସାକ୍ଷାତ କରି ଦେଶର ସାଂପ୍ରଦାୟିକ ଅସ୍ଥିରତା ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ସେପଟେ ଆ ?ଏସ୍ ?ଏସ୍ ?ର ମୁଖପାତ୍ର ସୁନୀଲ୍ ଅମ୍ବେକର୍ କହିଛନ୍ତି, ସର ସଙ୍ଘଚାଳକ ମୋହନ ଭାଗବତ ସମାଜର ସବୁ ବର୍ଗର ଲୋକଙ୍କୁ ଭେଟୁଛନ୍ତି । ଆ ?ଏସ୍ ?ଏସ୍ ? ପକ୍ଷରୁ ହେଉଥିବା ନିରବଚ୍ଛିନ୍ନ ସାମଗ୍ରିକ ଆଲୋଚନାର ଏହାର ଏକ ଅଂଶବିଶେଷ ।

### ଆଳୁ ଖୋଳୁ ଖୋଳୁ ମହାଦେବ...

ଏ ବାବଦକୁ ମିଳେ ୩ ହଜାର ଟଙ୍କା । ଗାଡ଼ିରେ କଣ ଥାଏ, ତାଙ୍କୁ ଜଣାନଥାଏ । ଏଭଳି ଅନେକ ଥର ମାଲ୍ ପରିବହନ କରିଥିବା କହିଛନ୍ତି ଡ୍ରାଇଭର । ପୂର୍ବରୁ ବ୍ରହ୍ମପୁର-କଟକ ଲିଙ୍କ୍‌ରେ ଏକାଧିକ ଚୋରାଚାଲାଣ ମାମଲା ସାମ୍ନାକୁ ଆସିଥିଲା । ଗତ ୧୩ ତାରିଖରେ ଗଂଜେଇ ଖୋଜୁ ଖୋଜୁ ବ୍ରହ୍ମପୁର ଲାଞ୍ଜିପଲ୍ଲିରେ କଟକ ଯାଉଥିବା ଜଣେ ବସ୍ ଯାତ୍ରୀଙ୍କଠୁ ମିଳିଥିଲା ୩୩ ଲକ୍ଷ ଟଙ୍କାରୁ ଅଧିକ ନୋଟ୍ । ତା ପୂର୍ବରୁ ଅଗଷ୍ଟ ୯ରେ ବି ସେହି ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଆଉ ଏକ ବସ୍‌ରୁ ମିଳିଥିଲା ୧ କୋଟି ୨୨ ଲକ୍ଷ ଟଙ୍କା । ଆଉ ସେହି ଲିଙ୍କ୍‌ରେ ଜଣେ ଅଳଙ୍କାର ବ୍ୟବସାୟୀଙ୍କଠାରୁ ଜବତ କରାଯାଇଥିଲା ୨୩ଟି ସୁନା ବିସ୍କୁଟ୍ । ସେହିପରି ଆଜି ଗଞ୍ଜାମ ଆସିକାରୁ ଚାଲାଣବେଳେ ରୂପା ଇଟା ସହ ଧରାପଡ଼ିଛନ୍ତି ଚାଲାଣକାରୀ । ପୋଲିସ, ଆୟକର ବିଭାଗ ଓ ଜିଏସ୍‌ଟି ବିଭାଗ ଆଖିରେ ଧୂଳି ଦେଇ ଏଭଳି କୋଟି କୋଟି ଟଙ୍କାର ଖେଳ କରୁଛନ୍ତି ଅସାଧୁ ବ୍ୟବସାୟୀ । ତେବେ କିଏ ଏହି ଚୋରାଚାଲାଣର ମାଷ୍ଟରମାଇଣ୍ଡ ? କେମିତି ଚଳାଇଛନ୍ତି ଏହି କଳାଧନ୍ଦାର ନେଟୱର୍କ ? ତାର କେବେ ଖୁଲାସା ହେଉଛି ? ତାକୁ ଅପେକ୍ଷା ରହିଛି ।

# ବୈତରଣୀ ନଦୀ ଓ ମୃଗା ନାଳ ପାଣିକୁ ପ୍ରଦୂଷିତ କରୁଛି ଜିନ୍ଦଲ କମ୍ପାନୀ

ଭୁବନେଶ୍ୱର, ୨୨ ସେପ୍ଟେମ୍ବର - ନଦୀର ସୁରକ୍ଷା ଓ ପ୍ରଦୂଷିତ ମୁକ୍ତ କରିବା ଲାଗି ବିଜେପିର ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ)ର ରାଜ୍ୟ ସଭାପତି ମହେଶ୍ୱର ସାହୁ ଗୁରୁବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦାଠାରେ ଅବସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପ୍ଲାଂଟ ଲିମିଟେଡ କାରଖାନାରୁ ନିର୍ଗତ କେମିକାଲ ମିଶା ମଇଳା ପାଣିକୁ କମ୍ପାନୀ ସିଧାସଳଖ ଭାବରେ ମୃଗା ନାଳରେ ଛାଡିଥିବାରୁ ବୈତରଣୀ ନଦୀର ଜଳ ସମ୍ପୂର୍ଣ୍ଣ ବିଷାକ୍ତ ଓ ପ୍ରଦୂଷିତ ହୋଇଯାଇଛି। ମୃଗା ନାଳ ଏବଂ ବୈତରଣୀ ନଦୀର ପାଣିକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ନାନାଦି ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନଦୀଜଳ ପ୍ରଦୂଷଣ କାରଣରୁ ବୈତରଣୀ ନଦୀ ଓ ମୃଗା ନାଳର ଜଳଚର ଜୀବମାନେ ମରି ଯାଉଛନ୍ତି। ନଦୀ ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରୁଥିବା ପଶୁ ପକ୍ଷୀମାନେ ନାନାଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଆହୁରି ମଧ୍ୟ କାରଖାନାର ଏହି ବିଷାକ୍ତ ପାଣିରେ ପାଖ ଆଖ ଅଂଚଳର ଚାଷ ଜମିରେ ଫସଲ ମରି ଯାଉଛି ବୋଲି ଶ୍ରୀ ସାହୁ କହିଛନ୍ତି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାରଖାନାର ଚତୁପାର୍ଶ୍ୱରେ ବୃକ୍ଷ ରୋପଣ କରିବା କଥା କିନ୍ତୁ ବୃକ୍ଷରୋପଣ କରି ନଥିବାରୁ ବାୟୁମଣ୍ଡଳ ଅତ୍ୟଧିକ ମାତ୍ରାରେ ପ୍ରଦୂଷିତ ହେଉଛି। ନଦୀ ପ୍ରଦୂଷଣ ସମସ୍ୟାର ସମାଧାନ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାରଖାନା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସାହୁ ନିବେଦନ କରିଛନ୍ତି। ରାଜ୍ୟର ବିଭିନ୍ନ ନଦୀରେ ହେଉଥିବା ପ୍ରଦ୍ୟୁଷଣ ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ । ରାଜ୍ୟ ସରକାର ବିହୀତ ପଦକ୍ଷେପ ଗ୍ରହଣ ନକରିଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ଏହି ଅବସରରେ ଉପଦେଷ୍ଟା ଯୁଧିଷ୍ଟର ମହାରଣା, ରାଜ୍ୟ ସହସଂଯୋଜକ ଶୁଭ୍ରାଂଶୁ ମୋହନ ପାଢ଼ୀ, ଅଶୋକ କୁମାର ରଥ, ରାଜ୍ୟ କମିଟି ସଦସ୍ୟ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୨୫ରେ କର୍କଟ ଚିକିତ୍ସା ଓ ସଚେତନତା ଶିବିର



ବାରିପଦା,୨୨/୦୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ରୂପଭାନୁ ମିଶ୍ରଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଘାସିରାମ ମୁର୍ମୁ, ଡକ୍ଟର ଶିବାନନ୍ଦ ମହାନ୍ତି ,ଏନସିଡିର ସହ-ପରିଚାଳକ ଶ୍ରୀ ନିହାର ରଂଜନ ପୃଷ୍ଟି ଏବଂ ଏପିଏମ-ୟୁଏଚ ଶ୍ରୀ ଅଭୟ ସୁବୁଦ୍ଧି ଓ ରୋଟାରୀ କ୍ଲବ ସଭାପତି ରାକେଶ ସିଂଙ୍କ ଉପସ୍ଥିତିରେ କର୍କଟ ରୋଗର ପରୀକ୍ଷା ଓ ସଚେତନତା ପାଇଁ ଏକ ଶିବିର ଆୟୋଜନ କରାଯିବା ନିମେନ୍ତ ପ୍ରସ୍ତୁତି ବୈଠକ ହୋଇ ଯାଇଛି । ଉକ୍ତ ଶିବିର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସପିଟାଲ, କ୍ରିୟା ଫାଉଣ୍ଡେସନ ଓ ରୋଟାରୀ କ୍ଲବ ମିଳିତ ଉଦ୍ୟମରେ ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ ସିପିସିଏଚ କନଫେରନ୍ସ ହଲେର ଅନୁଷ୍ଠିତ ହେବ ବୋଲି ଜଣା ଯାଇଛି। ଉକ୍ତ ଶିବିରେର କର୍କଟ ରୋଗରେ ପୀଡ଼ିତ ଥିବା କିମ୍ବା ସମ୍ଭାବନା ଥିବା ରୋଗୀମାନଙ୍କୁ ପରୀକ୍ଷା କରାଯିବା ସହିତ ସଚେତନ କରିବା ପାଇଁ କଟକ ଆଚାର୍ଯ୍ୟ ହରିହର ଡାକ୍ତରଖାନାର କର୍କଟ ରୋଗ ବିଶେଷଜ୍ଞ ମାନ ଉପସ୍ଥିତ ରହିବେ ବୋଲି ଜଣାଯାଇଛି ।

# କଟକ ନକଲି ଔଷଧ ବିକ୍ରୀ ଘଟଣାରେ ହାଇକୋର୍ଟରେ ମାମଲା

ଭୁବନେଶ୍ୱର,୨୨/୦୯ (ନି.ପ୍ର): କଟକରେ ନକଲି ଔଷଧ କାରବାର ମାମଲା ହାଇକୋର୍ଟରେ ପହଂଚିଛି। ନକଲି ଔଷଧ ମାମଲାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏହି ମାମଲାରେ ଭୁବନେଶ୍ୱର ସିବିଆଇ ଏସପି,ପୋଲିସ୍ ଡିଜି, ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ସ୍ୱାସ୍ଥ୍ୟ ବିଭାଗ, କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ପକ୍ଷଭୁକ୍ତ କରାଯାଇଛି। ଅଭିଷେକ ଦାସ ଏହି ମାମଲା ଦାୟର କରିଥିବା ବେଳେ ଆଇନଜୀବୀ ଆଲୋକ ମହାପାତ୍ର ଏହି ମାମଲା ପରିଚାଳନା କରୁଛନ୍ତି। ଅନ୍ୟପଟେ ନକଲି ମେଡିସିନ ବିକ୍ରି ଘଟଣାରେ ତଦନ୍ତ ପାଇଁ ପୁରୀଘାଟ ଥାନା ଅଧିକାରୀଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ ରାଜ୍ୟ ବାହାରକୁ ଯାଇଛି। ଏଡି ଟିମ୍ ବିହାରର ଗୟାକୁ ଯାଇଛି। ଏହି ଟିମ୍ ରେ ଦୁଇ ଜଣ ଏକ୍ସପର୍ଟ ରହିଛନ୍ତି। କଟକର ଭିଆର ଡ୍ରଗ ଏଜେନ୍ସି ଓ ପୂଜା ଏଂଟରପ୍ରାଇଜେସ ଏହି ନକଲି ମେଡିସିନ ଗୟା ଓ ବେଙ୍ଗାଲୁରୁ ଠାରୁ ଆଣୁଥିବା ପୁଲିସ ତଦନ୍ତରେ ଜାଣିବାକୁ ପାଇଥିଲା। ସେଥି ପାଇଁ ଅଧିକ ତଦନ୍ତ ପାଇଁ ଟିମ ବିହାର ଗସ୍ତ କରିଛି। ସେଠାରେ ତଦନ୍ତ ପରେ ଜଣାପଡିବ ଯେ, କିଏ ଏହି ନକଲି ମେଡିସିନ ପ୍ରସ୍ତୁତର ମାଷ୍ଟରମାଇଣ୍ଡ ବୋଲି କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

# ବଦ୍ରିନାଥ-କେଦାରନାଥର ପୁନଃନିର୍ମାଣ କାର୍ଯ୍ୟ ଭର୍ଚୁଆଲ ମାଧ୍ୟମରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ଡେରାଡୁନ, ୨୨ ସେପ୍ଟେମ୍ବର (ହି.ସ.) – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭର୍ଚୁଆଲ ଡ୍ରୋନ ମାଧ୍ୟମରେ ଶ୍ରୀ ବଦ୍ରିନାଥ ଏବଂ ଶ୍ରୀକେଦାରନାଥରେ ଚାଲିଥିବା ପୁନଃ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସଚିବାଳୟରୁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ଉଚ୍ଚ ପଦାଧିକାରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଶ୍ରୀ ବଦ୍ରିନାଥ ଏବଂ ଶ୍ରୀକେଦାରନାଥଙ୍କ ପୁନଃ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିଷୟରେ ସମ୍ପୂର୍ଣ୍ଣ ସୂଚନା ନେଇଥିଲେ । ସେ କହିଛନ୍ତି ଯେ, ଆଗାମୀ ଦିନରେ ଶ୍ରୀ କେଦାରନାଥ ଏବଂ ଶ୍ରୀ ବଦ୍ରିନାଥ ଧାମରେ ଭକ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବ । ଆଧ୍ୟାତ୍ମିକ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଶ୍ରୀ କେଦାରନାଥ ନିକଟରେ ଥିବା ସ୍ଥାନଗୁଡ଼ିକ ମଧ୍ୟ ବିକାଶ କରିବାକୁ ପଡ଼ିବ ।

# ସତ୍ୟଭାମାଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ

ବାସୁଦେବପୁର,୨୨/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ର ନରସିଂହପୁର ପଂଚାୟତ ର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା ଙ୍କ ଏକା ଦଶାହ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମସ୍ତେ ସତ୍ୟଭାମା ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ସଭାରେ ଶିକ୍ଷାବିତ ଗୟାଧର ମହାପାତ୍ର ସଭାପତିତ୍ୱ କରିଥିଲେ । ସତ୍ୟଭାମା ଙ୍କ ଅମର ଆତ୍ମାର ସଦ ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଧାମ ନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଇଂ ଭାଗିରଥି ମହାପାତ୍ର, ସମାଜସେବୀ ଅଶୋକ ସାହୁ,ଶିକ୍ଷାବିତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଦିବାକର ନାୟକ,ଯୁଧିଷ୍ଠିର ଧର,କମଳାକାନ୍ତ ନାୟକ,ଆମ ଗାଁ ସାହିତ୍ୟ ପତ୍ରିକା ର ସମ୍ପାଦକ କବି ରତ୍ନାକର ପଣ୍ଡା, କବି ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ,ମୁନି ସମାଜ ର ପ୍ରଚାରକ ଉମାକାନ୍ତ ବିଶ୍ୱାଳ,ଗଜେନ୍ଦ୍ର ପାତ୍ର, ରବୀନ୍ଦ୍ର ପଣ୍ଡା ,ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ଗଣେଶ ଚନ୍ଦ୍ର ନାୟକ, ଅଧ୍ୟାପକ ଦେବାଶିଷ ପାଢ଼ୀ, ଶଶଧର ପଣ୍ଡା, ସମାଜସେବୀ ସୁବାସ ଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ପଦ୍ମାଳୟ ପଣ୍ଡା, ଓଡ଼ିଆ ଚଳଚ୍ଚିତ୍ରର ଯୁବ ନିର୍ଦ୍ଦେଶକ ହେମନ୍ତ ସାହୁ,ରଙ୍ଗରାଗ ର ସମ୍ପାଦକ ସାମ୍ବାଦିକ ପ୍ରଦୀପ୍ତ ମହାନ୍ତି, ଯୋଗେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସତ୍ୟଭାମା ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ସତ୍ୟଭାମା ଙ୍କ ସ୍ୱାମୀ ସମାଜସେବୀ କମଳାକାନ୍ତ ବେହେରା, ପୁତ୍ର ସୁଜିତ ବେହେରା, କନ୍ୟା ସସ୍ମିତା ବେହେରା ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ରତିକାନ୍ତ ପଣ୍ଡା, ରମାକାନ୍ତ ଦାସ,ବସନ୍ତ ପଣ୍ଡା ,ପ୍ରତାପ ସେନାପତି, କବିନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

# ପାରାଦୀପ କଳିଙ୍ଗ ବାଲିଯାତ୍ରା ୨୦୨୨ର ପ୍ରସ୍ତୁତି ବୈଠକ

ପାରାଦୀପ ,୨୨/୦୯ (ନି.ପ୍ର): ବାଲିଯାତ୍ରା କମିଟିର ଅଧକ୍ଷା ତଥା ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ଗୁରୁବାର ଦିନ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ କଳିଙ୍ଗ ବାଲିଯାତ୍ରା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ, ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୌରାଧକ୍ଷ୍ୟ ବସନ୍ତ ବିଶ୍ୱାଳ, ଜିଲ୍ଲାପରିଷଦ ଅଧକ୍ଷ ମନୋଜ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଶାନ୍ତି ଶୃଙ୍ଖଳା ସହ ଆୟୋଜନ କରିବାକୁ ମତ ରଖିଥିଲେ । ବିଜୁବାବୁ କଳିଙ୍ଗର ନୌବାଣିଜ୍ୟର ସ୍ମୃତିଚାରଣ ଉଦେଶ୍ୟରେ ୧୯୯୨ ମସିହାରେ କାର୍ତ୍ତିକପୁର୍ଣିମା ଦିନ ପାରାଦୀପରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ କରିଥିଲେ ସ୍ଥାନୀୟ ଲୋକମାନଙ୍କୁ ନେଇ। ୧୯୯୫ ମସିହାରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦେଶ୍ୟରେ ଜିଲ୍ଲା ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେଇଥିଲେ। ଏହି ଗଣପର୍ବ ତାର କାୟା ବିସ୍ତାର କରି ଅଧିକ ଆକର୍ଷଣୀୟ ହେଉଥିବା ବେଳେ କରୋନା ମହାମାରୀର ପ୍ରଭାବ ଓ କଟକଣା ପାଇଁ ଏହି ପର୍ବ ଦୀର୍ଘ ୨ ବର୍ଷ ବନ୍ଦ ରହିଥିଲା । ଇଫକୋ, ପିପିଏଲ, ଆର୍ସେଲର ମିତଲ ଅଧିକାରୀଙ୍କ ସମେତ ବିଭିନ୍ନ ଶିଳ୍ପାୟନ, ବ୍ୟବସାୟୀ, ବୁଦ୍ଧିଜୀବୀ, ଅନୁଷ୍ଠାନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବିଗତ ବର୍ଷପରି ଚଳିତ ବର୍ଷ ପାରାଦ୍ୱୀପ ବନ୍ଦର ପକ୍ଷରୁ ପାନିୟ ଜଳ ସହ ଆଲୋକ ଯୋଗାଇ ଦିଆଯିବ ଏବଂ ଅନ୍ୟାନ୍ୟ ପ୍ରକାରର ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପାରାଦ୍ୱୀପ ବନ୍ଦରର ଇଷ୍ଟେଟ ବିଭାଗ ଅଧିକାରୀ ବିଶ୍ୱଜିତ ମିଶ୍ର କହିଥିଲେ। ତେବେ ଚଳିତ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଥିବାରୁ ସାଧାରଣରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଛି ଏବଂ ଏଥିପାଇଁ ବାଲିଯାତ୍ରା କମିଟି ସହ ଜିଲ୍ଲାପାଳଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରାଯାଇଛି । କାର୍ଯ୍ୟକ୍ରମକୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟିର ଉପାଧକ୍ଷ ଡ଼ଃ. କାହ୍ନୁ ଚରଣ ଧୀର ପରିଚାଳନା କରିଥିବା ସହ ୨୦୧୯ ବର୍ଷର ଆୟବ୍ୟୟର ବୀବରଣୀ ପାଠ କରିଥିଲେ । ପୈରାଉପାଧକ୍ଷ ଛବିଲତା ରାଉତ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଇଫକୋ ପକ୍ଷରୁ ଦିନିକିଆ ପ୍ରଶିକ୍ଷଣ ଓ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରାଦୀପ,୨୨/୦୯ (ନି.ପ୍ର): ଇଣ୍ଡିୟାନ ଫାର୍ମସ୍ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ ବିଶ୍ୱର ସର୍ବବୃହତମ ସମବାୟ ସଂସ୍ଥା ଇଫକୋରେ କୃଷକମାନଙ୍କ ଦ୍ୱାରା ଓ କୃଷକ ମାନଙ୍କର ଉନ୍ନତି ପାଇଁ ସଦା ସର୍ବଦା କାମ କରିଥାଏ । ଏହି ପରିପ୍ରେକ୍ଷୀରେ ବୁଧବାର ଦିନ (ଇଫକୋ ସ୍ୱର୍ଣ୍ଣ ଜୟନ୍ତୀ ସଭାଗୃହ) ଇଫକୋ କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ଏକ ଦିନିକିଆ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ଉଦଘାଟନ କରିଥିଲେ ଯୁଗ୍ମ ସାଧାରଣ ପରିଚାଳକ ଏଭି.ମହୁଆ ଏବଂ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୋଡେଟ୍‌ର ଅଧକ୍ଷ କୁଳମଣି ମାଝୀ,




ଏସ୍.କେ.ଜେନା (ବରିଷ୍ଟ ପ୍ରବନ୍ଧକ ପ୍ରଶିକ୍ଷଣ), ଇଫକୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏବଂ ଓଡ଼ିଶା ସରକାରଙ୍କ କୃଷି ବୈଜ୍ଞାନିକ ଅରବିନ୍ଦ ସାହୁ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେ ଜଗତସିଂହପୁର, କେନ୍ଦ୍ରାପଡା ଓ କଟକ ଜିଲ୍ଲାର ଚାଷୀମାନେ ଯୋଗ ଦେଇଥିଲେ । ଏଥିରେ ବଡ ବେତରା ସମବାୟ ସମିତି ଗରଦପୁର ବ୍ଲକରୁ ଯୁବ ଚାଷୀମାନେ ଭାଗ ନେଇଥିଲେ । ଏଥିରେ ଇଫକୋ ନାନେ ଫର୍ଟିଲାଇଜର ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା । ଇଫକୋ ସଦାସର୍ବଦା ଚାଷୀମାନଙ୍କ ଉନ୍ନତି ପାଇଁ କାମ କରିଆସିଅଛି । ଏହିକ୍ରମରେ ଇଫକୋ ଏବଂ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ରିହାତି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା ।

## ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

ବଲାଙ୍ଗିର ,୨୨/୦୯ (ନି.ପ୍ର): ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର କାଉନସିଲ ହଲ ଠାରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ , ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ଼ ସୁରେଶ ଚନ୍ଦ୍ର ଦଳାଇ , ଜିଲ୍ଲାପାଳ ଚଞ୍ଚଳ ରାଣା , ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ,ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ , ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ଡିନ ଓ ଅଧ୍ୟକ୍ଷା ଡ଼ ସବିତା ମହାପାତ୍ର , ମେଡିକାଲ ଅଧିକ୍ଷକ ଡ଼ ମହେନ୍ଦ୍ର କୁମାର ନାୟକ, ସିଡିଏମଓ ଡ଼ ସ୍ନେହଲତା ସାହୁ ଙ୍କ ସମେତ ସ୍ୱାସ୍ଥ୍ୟ ବିକାଶ ସମିତି ର ସଦସ୍ୟ / ସଦସ୍ୟା ଓ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ବିଭାଗ ର ବିଭାଗୀୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଡକାୟତି ଯୋଜନା ବେଳେ ୮ ଗିରଫ

ବାରିପଦା ,୨୨/୦୯ (ନି.ପ୍ର): ଡକାୟତି ଯୋଜନା କରୁଥିବା ବେଳେ ବାରିପଦା ଟାଉନ ପୋଲିସ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ସୁନା ରୁପା ଗହଣା ସହ ଡକାୟତି ସରଂଜାମ ଜବଦ କରିଥିବାର ଜଣା ପଡିଛି। ସୂଚନା ମୁତାବକ ସୋମବାର ରାତିରେ ବାରିପଦା ଟାଉନ ଥାନାର ଏସଆଇ ମାନସ କୁମାର ମଲ୍ଲିକ ବାରିପଦା ଏବଂ ଲକ୍ଷ୍ମୀପୋସି ଅଂଚଳରେ ରାତିରେ ପାଟ୍ରୋଲିଂ ଡ୍ୟୁଟି କରୁଥିବାବେଳେ, ରାତି ପ୍ରାୟ ୧.୩୦ ମିନିଟ ସମୟରେ ତକତପୁର ଖେଳପଡିଆ ନିକଟରେ ଏକ ଅନ୍ଧାରୁଆ ଜାଗାରେ କିଛି ପିଲା ଡକାୟତି ଉଦ୍ୟମ କରୁଥିବାର ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇ ଚଢାଉ କରି ଆଠ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳ, ଅନ୍ୟମାନେ ରାତିର ଅନ୍ଧକାରର ସୁବିଧା ନେଇ ଦୌଡି ପଳାଇ ଯାଇଥିଲେ। ପୋଲିସ ଏମାନଙ୍କଠାରୁ ସିନା ନେକଲସ, ସୁନା ମୁଦି, ରୂପା



ପାଉଁଜି, ଗୋଟିଏ ହ୍ୟାଣ୍ଡେଲ ସହିତ ହକୋସା ବ୍ଲେଡ, ଗୋଟିଏ ଲୁହା ଚେନ, ତାଲା ଭାଙ୍ଗିବା ଯନ୍ତ୍ର, ପ୍ଲାଷ୍ଟିକ ଦଉଡି, ଲଙ୍କାଗୁଣ୍ଡ ପ୍ୟାକେଟ ଆଦି ଜବଦ କରିବା ସହ ଗିରଫ ୮ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରିବାରୁ ସେମାନେ ଡକାୟତି ଉଦ୍ଦେଶ୍ୟରେ ଏକତ୍ରୀତ ହୋଇ ଯୋଜନା କରୁଥିବାର ସ୍ୱୀକାର କରିଥିଲେ।

# ଦାସୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ତାଲିମ

ବାରିପଦା,୨୨/୦୯ (ନି.ପ୍ର): କଂଟାପାଳ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ଏକ ୭ଦିନିଆ ପ୍ରାକୃତିକ ବିପର୍ଯ୍ୟୟ ତାଲିମ କାର୍ଯ୍ୟକ୍ରମ ଓସଡମା ଏବଂ ଜିଲ୍ଲା ପ୍ରଶାସନ ସହାୟତାରେ ତଥା ଦାସୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାରିପଦା ଓ ବାତ୍ୟା ଆଶ୍ରୟସ୍ଥଳୀ କମିଟି କଂଟାପାଳର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶାମାଖୁଂଟା ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ଯେଶାବନ୍ତ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ଦେହୁରି, କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର, କଂଟାପାଳ ପଂଚାୟତ ସମିତି ସଭ୍ୟା ଦୁର୍ଗାମଣି ସିଂ, କଂଟାପାଳ ଆଶ୍ରୟସ୍ଥଳୀ ସଂପାଦକ ଅନିଲ କୁମାର ନାଏକ, ଲକ୍ଷ୍ମଣ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଦାସୀ ଅନୁଷ୍ଠାନର ସଂପାଦକ ଚନ୍ଦନ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦାସୀ ଅନୁଷ୍ଠାନର ସହକର୍ମୀ ଜବାହାରଲାଲ ଟୁଡୁ, ବାବୁ ନାଏକ, ସୁଜିତ କୁମାର ଦେଲଇ, ସୁଶାନ୍ତ କୁମାର ନାଏକ, ନୂତନ ନାଏକ ପ୍ରମୁଖ ଉକ୍ତ ଶିବିରକୁ ପରିଚାଳନା କରିଥିଲେ ।

ବାଲେଶ୍ୱର, ଶୁକ୍ରବାର, ୨୩ ସେପ୍ଟେମ୍ବର, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ପୁରୀରୁ ୨ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ପାଇଁ ପୂର୍ବତଟର ନିଷ୍ପତ୍ତି

ଭୁବନେଶ୍ୱର,୨୨/୦୯ (ନି.ପ୍ର): ରେଳ ଯାତ୍ରୀ ମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ନିୟମିତ ଟ୍ରେନରେ ଅତିରିକ୍ତ ଯାତ୍ରୀ ଭିଡ ଏଡ଼ାଇବା ପାଇଁ ପୁରୀରୁ ୨ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ପୂର୍ବ ତଟ ରେଳବାଇ ନିଷ୍ପତି ନେଇଛି। ଅକ୍ଟୋବର ମାସ ପହିଲା ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୦୩୧୦୧ ସିଆଲଦା-ପୁରୀ ସ୍ୱେଶାଲ ଏକ୍ସପ୍ରେସ ସିଆଲଦାରୁ ପ୍ରତ୍ୟକ ଶନିବାର ରାତ୍ରି ୧୧ଘ.୫୦ମି.ରେ ପୁରୀ କୁ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ପୁରୀରୁ ୦୩୧୦୨ ପୁରୀ-ସିଆଲଦା ସ୍ୱେଶାଲ ଏକ୍ସପ୍ରେସ ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୩ଘ.୫୦ମି.ରେ ଛାଡି ସିଆଲଦା ଯାତ୍ରା କରିବ। ସେହିପରି ୦୩୨୩୦ ପାଟନା-ପୁରୀ ବିଶେଷ ଟ୍ରେନ ୨୭ ଅକ୍ଟୋବର ରୁ ୧୦ ନଭେମ୍ବର ମଧ୍ୟରେ ପାଟନା ଠାରୁ ପ୍ରତି ଗୁରୁବାର ପୂର୍ବାହ୍ନ ୮ ଘ.୪୫ ମି.ରେ ଛାଡି ପୁରୀ ଯାତ୍ରା କରିବ । ଫେରିବା ମାର୍ଗରେ ୦୩୨୨୯ ପୁରୀ-ପାଟନା ବିଶେଷ ଟ୍ରେନ ୨୮ ଅକ୍ଟୋବରରୁ ୧୧ ନଭେମ୍ବର ମଧ୍ୟରେ ପୁରୀ ଠାରୁ ପ୍ରତି ଶୁକ୍ରବାର ଅପରାହ୍ନ ୨ ଘ.୫୫ ମି.ରେ ଛାଡି ପାଟନା ଯାତ୍ରା କରିବ । ଏହା ବ୍ୟତୀତ ୨ ଟି ଟ୍ରେନ୍ ର ସେବା ବୃଦ୍ଧି କରାଯାଇଛି। ଭୁବନେଶ୍ୱର ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଦିନ ସନ୍ଧ୍ୟା ୮ ଘ. ୨୫ ମି.ରେ ଛାଡୁଥିବା ୦୨୮୩୨ ଭୁବନେଶ୍ୱର-ଧାନବାଦ୍ ସ୍ୱେଶାଲ ଏକ୍ସପ୍ରେସ ୩୦ ଡିସେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ଧାନବାଦ୍ ଠାରୁ ପ୍ରତ୍ୟେକ ବୁଧବାର, ଶନିବାର ଏବଂ ସୋମବାର ଦିନ ଅପରାହ୍ନ ୪ ଘଟିକାରେ ଛାଡୁଥିବା ୦୨୮୩୧ ଧାନବାଦ୍-ଭୁବନେଶ୍ୱର ସ୍ୱେଶାଲ ଏକ୍ସପ୍ରେସ ୩୧ ଡିସେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ । ପୁରୀରୁ ପ୍ରତ୍ୟେକ ଶନିବାର ଦିନ ଅପରାହ୍ନ ୨ଘ. ୫୫ ମି.ରେ ଛାଡୁଥିବା ୦୮୪୩୯ ପୁରୀ-ପାଟନା ସ୍ୱେଶାଲ ଏକ୍ସପ୍ରେସ ୨୬ନଭେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ । ଫେରିବା ମାର୍ଗରେ ପାଟନା ଠାରୁ ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୧ଘ. ୩୦ମି.ରେ ଛାଡୁଥିବା ୦୮୪୪୦ ପାଟନା-ପୁରୀ ସ୍ୱେଶାଲ ଏକ୍ସପ୍ରେସ ୨୭ ନଭେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ ।

# ପାନୀୟଜଳ ସମସ୍ୟା ଓ ତାର ସମାଧାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ନେଇ ସେମିନାର

ବସ୍ତା ୨୨।୯: (ନିପ୍ର)ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ରୁଚି ଓ ଦକ୍ଷତା ସୃଷ୍ଟି କରିବା ପାଇଁ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଗୁରୁବାର ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ନେଇ ଏକ ବିଜ୍ଞାନ ସେମିନାର ଆୟୋଜିତ ହୋଇଥିଲା। ପାନୀୟଜଳ ର ସମସ୍ୟା ଓ ତାର ସମାଧାନ ବିଷୟ ରେ ପ୍ରତିଯୋଗୀ ମାନେ ବିଭିନ୍ନ ଚାର୍ଟ ଓ ଚିତ୍ର ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ବସ୍ତା ବ୍ଲକ ସାଇନ୍ସ କୋର୍ଡିନେଟର ସନ୍ତୋଷ ବାଗ ପ୍ରତ୍ୟକ୍ଷ ତତ୍ୱବଧାନରେ ଛାତ୍ର ଓ ଛାତ୍ରୀମାନଙ୍କୁ ତିନୋଟି ପ୍ରଶ୍ନ ପଚାରିଥିଲେ। ଶାନ୍ତନୁ ବାଗ ପ୍ରଥମ ସ୍ଥାନ, ଝରଣା ସୋରେନ ଦ୍ୱିତୀୟ ଓ ସାଗର ଭୋଳ ଓ ତୃତୀୟ ସ୍ଥାନ ରେ ବିଜେତା ଘୋଷଣା କରା ଯାଇଥିଲା। ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ




ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ସୁବକ୍ତା ଶ୍ୟାମାପ୍ରସାଦ ବେହେରା ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉପ ପ୍ରଧାନାଚାର୍ଯ୍ୟା ରଞ୍ଜିତା ପାଢୀ ପ୍ରାରମ୍ଭିକ ସୂଚନା ଓ କବିତା ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।ଆସନ୍ତା ୨୮ ତାରିଖରେ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ହେବ ବୋଲି ଘୋଷଣା କରାଯାଇଥିଲା।

# ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଖଡିଆଳର ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବରିଷ୍ଠ ରାଜନେତା ତଥା ଖଡ଼ିଆଳ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଉନ୍ନତି ସହ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କର ଥିଲା ସମର୍ପିତ ଉଦ୍ୟମ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଉଲ୍ଲେଖନୀୟ ଯେ କପିଳ ନାରାୟଣ ତିୱାରୀଙ୍କ ବୁଧବାର ଦିନ ବିୟୋଗ ଘଟିଥିଲା । ନୂଆପଡା ଜିଲ୍ଲା ଖଡ଼ିଆଳ ଅଂଚଳର ଜନ୍ମ ଗ୍ରହଣ କରି ଜୀବନରେ ଗରିବ, ପଛୁଆ, ନିଃସହାୟଙ୍କ ପ୍ରତି ସଦା ଲଢେଇ କରି ଆସୁଥିବା ସମାଜବାଦୀ ନେତା ରୂପେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ କପିଳ ନାରାୟଣ ତିୱାରୀ । । ତାଙ୍କ ଦ୍ୱାରା ଅନାହାର ମୃତ୍ୟୁ, ପିଲା ବିକ୍ରୀ ଫଣସ ପୁଞ୍ଜି କଥା ମଧ ସମଗ୍ର ବିଶ୍ୱରେ ଆଲୋଡନ ସୃଷ୍ଟି କରି ପାରିଥିଲେ। ୧୪ ଜୁନ ୧୯୨୯ ମସିହାରେ ଜନ୍ମ ଗ୍ରହଣ କରି ଥିଲେ। ଓଡିଶାର ସପ୍ତମ ବିଧାନସଭାକୁ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ୨୬ ଜୁନ ୧୯୭୭ ମସିହାରେ ବିଧାୟକ ହୋଇଥିଲେ । ୧୯୬୫ ମସିହାରେ କରାଳ ମରୁଡି ଛାୟାରେ ପ୍ରଭାବିତ କଳାହାଣ୍ଡିକୁ ସଂଗ୍ରାମୀ ବାର୍ତ୍ତା ରୂପେ 'ପାଏନ, ପୁଆଲ, ପଖାଳ ଦେ, ନାହିଁ ତୋ ଗାଦୀ ଛାଡି ଦେ' କହି ଗାଁ ଗାଁ ବୁଲି ଥିଲେ।

# ଲୁଣିଆ ଗୁଳିକାଣ୍ଡ ସ୍ମୃତିରେ ଶହୀଦ ଦିବସ ପାଳନ

ଭଦ୍ରକ,୨୨/୦୯ (ନି.ପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଅନନ୍ୟ ଅଧ୍ୟାୟ ଭାରତଛାଡ଼ ଆନ୍ଦୋଳନର ଡ଼ାକରାରେ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅ ଳରେ ତତ୍କାଳୀନ ଲୁଣିଆ ସର୍ଦ୍ଦାର ମୂରଲୀଧର ପଣ୍ଡାଙ୍କ ନେତୃତ୍ୱରେ ପ୍ରଜାମେଳିରେ ଯାଇ ଲୁଣିଆ ଗୁଳିକାଣ୍ଡରେ ଇଂରେଜ ଗୁଳି ଆଗରେ ଦେଶପାଇଁ ଜୀବନ ଦେଇଥିବା ୯ଜଣ ଶହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶହିଦନଗର ନାମରେ ନାମିତ ସେହି ଅ ଳରେ ସ୍ଥାପିତ ସ୍ମୃତିସ୍ତମ୍ଭ ନିକଟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ ଶହିଦ ଦିବସ ଭାବେ ପାଳନ କରାଯାଇ ଆସୁଅଛି । ୧୯୪୨ ସେପ୍ଟେମ୍ବର ୨୨ରେ ଏହି ଗୁଳିକାଣ୍ଡ ଘଟିଥିଲା । ଗତ ୧୯ ତାରିଖରେ ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗ ଯୋଗୁଁ ଏ ବର୍ଷ ଏହି ଦିବସକୁ ବିନା ସଭା ସମିତି , ବିନା ସାଂସ୍କୃତିକ କାର୍ଯ୍ୟକ୍ରମରେ ନିରାଡ଼ମ୍ବର ଭାବେ ପାଳନ କରାଗଲା । ପୋଲିସ ବିଭାଗ ତରଫରୁ ତୋପ ସଲାମି ଅର୍ପଣ କରାଯାଇଥିଲା । ଏସ୍.ପି. ଚରଣ ସିଂ ମୀନା ଏହି ତୋପ ସଲାମି କାର୍ଯ୍ୟରେ ଉପସ୍ଥିତ ରହି ସ୍ମୃତି ସ୍ତମ୍ଭ ଓ ମୂରଲୀଧର ପଣ୍ଡାଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ କରିଥିଲେ। ପରେ ପରେ ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗର ଏନ୍.ଏ.ସି. ଅଧକ୍ଷା ନିବେଦିତା ଜେନା, ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ଧାମନଗର ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ପୂର୍ବତନ ସ୍ଥାନୀୟ ସରପ ରଘୁନାଥ ଲେଙ୍କା, ଗ୍ରାମବାସୀ, ଶହିଦ ପରିବାର ଆଦିଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ମଧ ଏହି ଶହିଦ୍ ପୀଠରେ ପହ ୍ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।



# ବ୍ୟାଙ୍କ ଋଣ ପରିଶୋଧ ନ କରିବାରୁ ସିଲ୍ ହେଲା ରାଇସ୍ ମିଲ

ନୀଳଗିର,୨୨/୦୯ (ନି.ପ୍ର): ନୀଳଗିରି ଅଂଚଳର ଜନୈକ ରାଇସମିଲ୍ ମାଲିକ ବାଲେଶ୍ୱର ପଂଜାବ ନେସନାଲ ବ୍ୟାଙ୍କରୁ ୧କୋଟି ୫୩ ଲକ୍ଷ ଟଙ୍କା ଋଣ ଆଣିଥିଲା ବେଳେ ଋଣ ପରିଶୋଧରେ ଖିଲାପି ପାଇଁ ବ୍ୟାଙ୍କ ପକ୍ଷରୁ ବହୁବାର ନୋଟିସ ଜାରି କରିଥିବା ବେଳେ ସଂପୃକ୍ତ ମିଲ୍ର ଖିଲାପ ଋଣ ପରିଶୋଧ କରି ନ ପାରିବାରୁ ଆଜି ବ୍ୟାଙ୍କ ପକ୍ଷରୁ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଉକ୍ତ ରାଇସ ମିଲ୍‌ଟିକୁ ବ୍ୟାଙ୍କ ନିଜ ଅଧୀନକୁ ଆଣିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର ନରସିଂହପୁର ପଂଚାୟତର ନରସିଂହପୁର ଗାଁର କରୁଣାକର ପୃଷ୍ଟିଙ୍କ "ମହାଲକ୍ଷ୍ମୀ ରାଇସମିଲ୍" ର ଏପରି ଏକ ଘଟଣା ଘଟିଛି। ରାଇସ୍ ମିଲ୍ର ମାଲିକ କରୁଣାକର ପୃଷ୍ଟି ବାଲେଶ୍ୱରସ୍ଥିତ ପଂଜାବ ନ୍ୟାସନାଲ ବ୍ୟାଙ୍କରୁ ଉକ୍ତ ରାଇସ ମିଲ୍ ନାମରେ ଲକ୍ଷାଧିକ ଟଙ୍କା ଋଣ ଆଣିଥିଲା ବେଳେ ସୁଧ ଓ ମୂଳ ମିଶାଇ ପ୍ରାୟ ୧କୋଟି ୭୦ଲକ୍ଷ ଟଙ୍କା ହୋଇଥିବା ବେଳେ ବ୍ୟାଙ୍କ ପକ୍ଷରୁ ବହୁବାର ଖିଲାପି ଋଣ ପରିଶୋଧ କରିବା ପାଇଁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ୍ ଜାରି କରାଯାଇଥିଲା ବେଳେ ମିଲ୍ର ସତ୍ୱାଧିକାରୀ ଶ୍ରୀ ପୃଷ୍ଟି ଖିଲାପି ଋଣ ପରିଶୋଧ କରି ନ ଥିଲେ। ଶେଷରେ ଗୁରୁବାର ବ୍ୟାଙ୍କ ପକ୍ଷରୁ ନୀଳଗିରି ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହିଥିବା ବେଳେ ପୋଲିସ ଫୋର୍ସ ନେଇ ମହାଲକ୍ଷ୍ମୀ ରାଇସ ମିଲ୍‌କୁ ବ୍ୟାଙ୍କ ନିଜ ଅଧିନକୁ ଆଣିଛନ୍ତି। ଫଳରେ ସଂପୃକ୍ତ ମିଲ ପରିସରଟି ଶ୍ରୀ ପୃଷ୍ଟିଙ୍କ ସତ୍ୱରୁ ବ୍ୟାଙ୍କ ହାତକୁ ଯାଇଅଛି । ଏ ନେଇ ଶ୍ରୀ ପୃଷ୍ଟି ପ୍ରତିକ୍ରିୟା ନେବା ପରେ ସେ ବ୍ୟାଙ୍କରୁ ଋଣ ଆଣିଥିବା ସ୍ୱୀକାର କରିଥିଲେ।

# ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୨/୦୯ (ନି.ପ୍ର): - ରାଜ୍ୟରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଜାରି ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୋନପୁର, ବୌଦ୍ଧ , ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଂଜାମ, ନୟାଗଡ, ଅନୁଗୁଳ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଏହି ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୩ ରୁ ୨୪ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ, ଗଂଜାମ , ଗଜପତି, କେନ୍ଦୁଝର, ମୟୁରଭଂଜ, ସୁନ୍ଦରଗଡ , ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି।

# ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା ଅଭିଯୋଗ: ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତା, ୨୨।୯(ନି. ପ୍ର) ବାଲେଶ୍ୱର ଜିଲା ରୂପସା ଥାନା ରାଉତପଡା ଗ୍ରାମର ଯୁବକ ତଥା ଏକ ବ୍ୟାଙ୍କ ର ସିକ୍ୟୁରିଟି ଗାର୍ଡ ପ୍ରଭାତ କୁମାର ଗିରି (୩୩) ଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ବୁଧବାର କଟକ ମଧୁପାଟଣା ଥାନା ବିଶଲ୍ୟକରଣୀ ଲେନ ସ୍ଥିତ ଭଡାଘରୁ ତାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ରାଉତପଡା ଗ୍ରାମର ସ୍ୱର୍ଗତ ଦନାର୍ଦନ ଗିରି ଙ୍କ ସାନ ପୁଅ ପ୍ରଭାତ ୫ ମାସ ହେବ କଟକ ସ୍ଥିତ ଆଇଡ଼ିଏଫସି ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରୀ କରୁଥିଲେ। ସେ ବିଶ୍ୱକର୍ମା ପୂଜା ରେ ଘରକୁ ଛୁଟି ନେଇ ଆସିଥିଲେ କ୍ଷପୁଣି ଗତ ୧୯ ତାରିଖ କଟକ ଯାଇ ଡ୍ୟୁଟି ରେ ଜଏନ କରିଥିଲେ । ୨୧ ତାରିଖ ସକାଳେ ଡ୍ୟୁଟି ରେ ପହ ିବା ବିଳମ୍ବ ହେବାରୁ ବ୍ୟାଙ୍କ ର ଅନ୍ୟ ଜଣେ ସିକ୍ୟୁରିଟି ଗାର୍ଡ ପ୍ରଭାତ ଙ୍କ ରୁମ କୁ ଆସିଥିଲେ । ରୁମର କବାଟ ଭିତରପଟୁ ଖୋଲା ରହିଥିଲା। ସେ କବାଟ ଖୋଲିବାରୁ ରୁମ ଭିତରେ ବେକରେ ବେଡ଼ସିଟ ଲଗାଇ ଫାଶୀ ଦେଇଥିବାର ସେ ଦେଖିଲେ। ଏ ନେଇ ସେ ଘର ମାଲିକ ଓ ଥାନାକୁ ଖବର ଦେଇଥିଲେ। ଚଟାଣରେ ସେ ଆଣ୍ଠୁମାଡ଼ି ଝୁଲିରହିଥିବାର ଦୃଶ୍ୟ ଦେଖିବା ପରେ ସନ୍ଦେହ ବଢିଥିଲା। ଏପରି ସନ୍ଦେହଜନକ ମୃତ୍ୟୁ ପାଇଁ ପୋଲିସ ବିଭାଗ ରେ ଚାକିରୀ କରିଥିବା ତାଙ୍କର ବଡଭାଇ ସୁବ୍ରତ କୁମାର କୁମାର ଗିରି ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ରାତିରେ ମୃତଦେହ ଗାଁ କୁ ଅଣାଯାଇ ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁରେ ସମଗ୍ର ଅ ଳ ରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ପତ୍ନୀ, ବିଧବା ମାଆ, ତିନି ବର୍ଷ ର ଶିଶୁପୁତ୍ର ଓ ଭାଉଜ ଭାଇ ଅଛନ୍ତି । ସେ ମିଷ୍ଟଭାଷୀ, ଧର୍ମପରାୟଣ, ଭଦ୍ର ଓ ଅତ୍ୟନ୍ତ ନମ୍ର ସ୍ୱଭାବର ଥିଲେ ।

## ନୂଆଁଖାଇ ପରିବାର ତରଫରୁ ରବୀନ୍ଦ୍ର ମଣ୍ଡପଠାରେ ନୂଆଖାଇ ଭେଟ୍‌ଘାଟ୍

ଭୁବନେଶ୍ୱର,୨୨/୦୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ନୂଆଁଖାଇ ସବୁ ପର୍ବ ଭିତରେ ନିଆରା। ଏହି ପରିପ୍ରେକ୍ଷୀରେ ନୂଆଖାଇ ପରିବାର ତରଫରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆସନ୍ତାକାଲି ଶୁକ୍ରବାର ସନ୍ଧ୍ୟା ୬.୩୦ରେ ନୂଆଁଖାଇ ଭେଟ୍ ଘାଟ୍ ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ମନ୍ତ୍ରୀ ଓ ବିଧାୟକମାନଙ୍କ ସମେତ ପଶ୍ଚିମ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମହିଳା ଶାଖା ସଦସ୍ୟା ତଥା ଓଡ଼ିଶା ପର୍ଯ୍ୟଟନ ନିଗମର ପୂର୍ବତନ ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି ।

# ମହିଷାପଟାରେ କୁକୁଡ଼ାଚାଷ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି-୨୨/୯ (ନ.ପ୍ର) ନୀଳଗିରି ବଣଧୂଳିର ଫୁଲ ଏବଂ ଭୂବନେଶ୍ୱରସ୍ଥ ଭାରତ ସରକାରଙ୍କ ପୂର୍ବାଂଚଳର କୁକ୍କୁଟ ବିକାଶ ସଂସ୍ଥା ବୈଷୟିକ ସହଯୋଗ ଦ୍ୱାରା ମହିଷାପଟା ପଂଚାୟତ କାର୍ଯ୍ୟାଳୟ ଠାରେ ଗତ ୧୯.୦୯.୨୦୨୨ ରିଖ ଠାରୁ ତା.୨୪.୦୯.୨୦୨୨ ରିଖ ପର୍ଯ୍ୟନ୍ତ ବୈଜ୍ଞାନିକ ପଦ୍ଧତିରେ କୁକୁଡ଼ା ଚାଷ ଉପରେ ତାଲିମ ପ୍ରଦାନ ଚାଲୁଅଛି । କୁକୁଡ଼ା ଚାଷ ପାଇଁ ଆଗ୍ରହୀ ମହିଳାମାନଙ୍କ ମଧ୍ୟରୁ ୪୦ଜଣ ଚାଷୀମାନଙ୍କୁ ନେଇ ଏହି ତାଲିମ ପ୍ରଦାନ କରାଯାଇଅଛି। ଗୁଞ୍ଜର ଆଂଚଳିକ ସଂଯୋଜକ ସୁରେଶ କୁମାର ଏହି ତାଲିମ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ମହିଷାପଟା ସରଂପଚ ରବି ସିଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ କୁକ୍କୁଟ ସଂସ୍ଥାର ସହାୟକ ନିର୍ଦ୍ଦେଶକ ଡ. ଇନ୍ଦିରା ନାୟକ ବୈଜ୍ଞାନିକ ପଦ୍ଧତିରେ କୁକୁଡ଼ା ଚାଷ ସହିତ ଅନ୍ୟାନ୍ୟ ପକ୍ଷୀ ପାଳନ ଉପରେ ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବଣଧୂଳିର ଫୁଲର ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ, ସଂଯୋଜକ ଲକ୍ଷ୍ମୀକାନ୍ତ ସିଂ ଏବଂ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ଅଧକ୍ଷା ମାମି ସ୍ୱାଇଁଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ବିଜେପି ମହିଳା ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୨୨।୯(): ବିଜେପି ମହିଳା ମୋର୍ଚ୍ଚାର ଜିଲଲ କାର୍ଯ୍ୟକାରିଣୀ ବୈଠକ ସହରର ରୟାଲ କୁଇନ କଲ୍ୟାଣମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏହି ବୈଠକକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ରାଷ୍ଟ୍ର ନିର୍ମାଣରେ ମହିଳାଙ୍କ ଭାଗିଦାରୀକୁ ଏକ ଜନ ଆନ୍ଦୋଳନରେ ରୂପାନ୍ତର ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମହିଳା ମୋର୍ଚ୍ଚା ଜିଲା ପ୍ରଭାରୀ ନୀରଜ ନଳିନୀ ମହାଳିକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ମହିଳାମାନଙ୍କୁ ସୁରକ୍ଷା ଦେବାର ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ ଦୃଢତାର ସହ ଜବାବ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମନିଷା ଚିନ୍ମୟୀ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଅଭିଭାଷଣ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସୋର ପୌର ଉପାଧକ୍ଷା ସୁସ୍ମିତା ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ମହିଳା ମୋର୍ଚ୍ଚା ରାଜ୍ୟ ଉପ ସଭାନେତ୍ରୀ ସୁଷମା ବିଶ୍ୱାଳ, ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ମାଳତୀ ନାୟକ ଓ ପୂର୍ବତନ ଜିଲା ସଭାନେତ୍ରୀ କମଳା ବିନ୍ଧାଣୀ ପ୍ରମୁଖ ଏଥିରେ ଯୋଗଦେଇ କର୍ମୀମାନଙ୍କୁ ସୁଦୃଢ଼ ସାଂଗଠନର ବିଭିନ୍ନ ଦିଗ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲା ସାଧାରଣ ସମ୍ପାଦିକା ଅଭିଲିପ୍ସା ନାୟକ ଏଥିରେ ମଞ୍ଚ ପରିଚାଳନା କରିଥିବା ବେଳେ ସିପ୍ରା ମହାପାତ୍ର ଅତିଥି ପରଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, କ୍ଷେତ୍ରୀୟ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ଭୋଗରାଇ ନେତା ଅଂଶୁମାନ ମହାନ୍ତି, ସୋର ନେତା ରାକେଶ ମଲ୍ଲିକ, ଜଳେଶ୍ୱର ନେତା ପ୍ରବୀର ପ୍ରଧାନ, ବିଜେପି ଏସଟି ମୋର୍ଚ୍ଚା ଜିଲା ସଭାପତି ବିପିନ ମାରାଣ୍ଡି, ଏସସି ମୋର୍ଚ୍ଚା ଜିଲା ସଭାପତି ମୃତ୍ୟୁଞ୍ଜୟ ଯେନା, ବିଜେପି ଜିଲା ଉପ-ସଭାପତି ପ୍ରଦୀପ ପଣ୍ଡା, ସୁବୋଧ ଚନ୍ଦ୍ର ପଣ୍ଡା, ଅନୀଲ କୁମାର ମହାନ୍ତି, ଅରୂପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ୧୪ଜଣ ଅନାଥ ଶିଶୁକନ୍ୟାଙ୍କ ନାମରେ ଖୋଲିଲା 'ସୁକନ୍ୟା' ଜମାଖାତା



ବାଲେଶ୍ୱର,୨୨।୯(ନି.ପ୍ର): ଜିଲା ଶିଶୁ ଯତ୍ନଗୃହରେ ରହି ପାଠ ପଢୁଥିବା ୯ ଜଣ ମେଧାବୀ ଶିଶୁଙ୍କୁ ପ୍ରଶାସନ ପକ୍ଷରୁ ୫ ହଜାର ଟଙ୍କା ଲେଖାଏଁ ଶିକ୍ଷାବୃତ୍ତି ରାଶି ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷାବୃତ୍ତିରାଶି ପ୍ରଦାନ କରିଥିଲେ। ଏଥି ସହିତ ଶିଶୁ ଯତ୍ନଗୃହରେ ରହୁଥିବା ୧୦ବର୍ଷରୁ କମ ୧୪ ଜଣ ଅସହାୟ ଶିଶୁକନ୍ୟାଙ୍କୁ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ପ୍ରଧାନମନ୍ତ୍ରୀ ସୁକନ୍ୟା ସମୃଦ୍ଧି ବ୍ୟାଙ୍କ ଜମାଖାତା ପ୍ରଦାନ କରାଯାଇଛି। ପ୍ରତିବର୍ଷ ସେମାନଙ୍କର ଏହି ବ୍ୟାଙ୍କ ଆକାଉଣ୍ଟରେ ୨ହଜାର ଲେଖାଏଁ ଟଙ୍କା ଜମା ରହିବ। ଏହି ଅର୍ଥ ସେମାନଙ୍କ ଭବିଷ୍ୟତ ପାଇଁ ବେଶ ଉପାଦେୟ ହେବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।ଏହା ବ୍ୟତୀତ ଆଶୀର୍ବାଦ ଯୋଜନାରେ ୫୧୮ ଜଣ ପିତୃମାତୃ ହୀନ ଶିଶୁଙ୍କୁ ସାମିଲ କରାଯାଇଥିଲା। ଏଥିରେ ୫୦୫ ଜଣଙ୍କର ପିତା କିମ୍ବା ମାତାଙ୍କ ମୃତ୍ୟୁ (ଏକ ଅଭିଭାବକ) ହୋଇଥିବା ବେଳେ ୧୩ ଜଣ ଶୁଶୁଙ୍କର ପିତାମାତାଙ୍କର ମୃତ୍ୟୁ (ଦୁଇ ଅଭିଭାବକ ନଥିବା) ହୋଇଯାଇଛି।ଏହି ଆଶୀର୍ବାଦ ଯୋଜନାରେ ଆଦୌ ଅଭିଭାବକ ନଥିବା ୧୩ ଜଣ ଶିଶୁଙ୍କୁ ମାସିକ ୨,୫୦୦ ଲେଖାଏଁ ଓ ଏକ ଅଭିଭାବକ ଥିବା ୫୦୫ ଜଣଙ୍କୁ ୧୫୦୦ ଲେଖାଏଁ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଏହି ଯୋଜନାରେ ସାମିଲ ହୋଇଥିବା ଜିଲାର ୧୩୧୩ ଜଣ ଶିଶୁଙ୍କୁ ମଧ୍ୟରୁ ୬୧ ଜଣ ପିତୃମାତୃ ହୀନ ଥିବା ବେଳେ ୧୨୫୨ ଜଣ ଏକ ଅଭିଭାବକ ଥିଲେ।

# ଖାଦ୍ୟ ନିରାପତ୍ତା ବିଭାଗୀୟ ସମୀକ୍ଷା ବୈଠକ : ପୂଜାଋତୁ ପୂର୍ବରୁ ଜୋରଦାର ଚଢ଼ଉ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଭଦ୍ରକ,୨୨/୦୯ (ନି.ପ୍ର): ସହରା ଳ ହେଉ କି ଗ୍ରାମା ଳ କି ଗଳିକନ୍ଦି ଆଦି ଜାଗାମାନଙ୍କରେ ଥିବା ହୋଟେଲ, ଜଳଖିଆ ଦୋକାନ ଆଦିରେ ବ୍ୟବହାର କରାଯାଉଥିବା ବାସି, ଅପମିଶ୍ରିତ ଖାଦ୍ୟକୁ ଯା କରି ଆଇନାନୁମୋଦିତ କାର୍ଯ୍ୟାନୁଷ୍ଠାନ ପାଇଁ ଧରପଗଡ଼କୁ ଜୋରଦାର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ତା ୨୧-୯-୨୨ରିଖ ବୁଧବାର ସଂଧ୍ୟାରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ନିରାପ ।ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ମଧ ଏହି ବୈଠକରେ ଯୋଗ ଦେଇଥିଲେ। ଖାଦ୍ୟ ନିରାପ । ପାଇଁ ଜିଲ୍ଲାସ୍ତରୀୟ ଦାୟୀତ୍ୱରେ ଥିବା ଡ଼ା ଭାରତୀ ସାହୁ, ଖାଦ୍ୟ ନିରାପ । ଅଧିକାରୀ ବିଭୁଦ ଦାସ, ଡ଼ି.ଇ.ଓ. ବସନ୍ତ ବେହେରା ଏହି ବୈଠକରେ ଏହି ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସବୁ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଦ ସୂଚନା ମତେ ୧-୪-୨୨ ରୁ ୨୧-୯-୨୨ ପର୍ଯ୍ୟନ୍ତ ଖାଦ୍ୟ ଓ ଖାଦ୍ୟଦ୍ରବ୍ୟ ବ୍ୟବସାୟ ସଂକ୍ରାନ୍ତୀୟ ୧୫୦ ନୂଆ ଲାଇସେନସ୍ ୨୨୧ ନୂଆ ପଞ୍ଜିକୃତ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ସାଧାରଣତଃ ବାର୍ଷିକ ୧୨ ଲକ୍ଷ ଟଙ୍କାରୁ କମ୍ ବ୍ୟବସାୟ ପାଇଁ ପଞ୍ଜିକରଣ ଓ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ପାଇଁ ଲାଇସେନସ୍ ପ୍ରଦାନ କରାଯାଇଥାଏ । ଖାଦ୍ୟ ନିରାପ । ଆଇନ୍ ଧାରାର ସେକସନ୍ ୬୯ ଅବମାନନାରେ ଏହି ଅବଧି ମଧ୍ୟରେ ୨୧ ଜଣଙ୍କ ଠାରୁ ସମୁଦାୟ ୨୧,୬୦୦ଟଙ୍କା ଜୋରିମାନା ଆଦାୟ କରାଯାଇଛି । ୫୮ଟି କ୍ଷେତ୍ରରେ ତଦନ୍ତ କରାଯାଇଛି । ୨୦ଟି ନିୟମିତ ନମୂନା ଓ ୪୨ଟି ସର୍ଭେଲାନ୍ସ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ପୂଜାଋତୁ ଆସୁଥିବାରୁ ବିଶେଷ କରି ଫାଷ୍ଟଫୁଡ୍, ମିଠା ଦୋକାନ, ହୋଟେଲ ଆଦିରେ ଖାଦ୍ୟ ପ୍ରସ୍ତୁତିରେ ଆକର୍ଷଣୀୟ ପାଇଁ ବିଭିନ୍ନ କୃତ୍ରିମ ରଙ୍ଗ, ସ୍ୱାଦ ବଢ଼ାଇବା ପାଇଁ କ୍ଷତିକାରକ ରାସାୟନିକ ଦ୍ରବ୍ୟର ବ୍ୟବହାର, ଅପମିଶ୍ରିତ ନିମ୍ନମାନର ଖାଦ୍ୟ, ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି, ପରିବେଷଣ, ଖାଦ୍ୟ ପ୍ରସ୍ତୁତି ପାଇଁ ବିଭିନ୍ନ ଉପାଦରେ ଅପମିଶ୍ରଣ ଆଦିର ଅଧିକ ସମ୍ଭାବନା ଥିବାରୁ ବିଭାଗ ତରଫରୁ ଆଖି ଦୃଶିଆ ଚଢ଼ାଉ କରାଯାଉ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo